ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.305 Bhubaneswar Sunday January 21 2024 | ୨୬ତମ ବର୍ଷ ସଂଖ୍ୟା-୩୦୫ ଭୁବନେଶ୍ୱର, ରବିବାର, ଜାନୁଆରୀ ୨୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ଶିକ୍ଷକ ନିଯୁକ୍ତି ଅନିୟମିତତା: ପୁଣି ଧର୍ମେନ୍ଦ୍ର-ବବି ମୁହାଁମୁହିଁ





ଭୁବନେଶ୍ୱର,୨୦।୧(ପି.ଏନ):ରାଜ୍ୟରେ କନିଷ୍ଠ ନିଯୁକ୍ତି ଚୟନ ପରୀକ୍ଷାରେ ଦୁର୍ନୀତି ଅଭିଯୋଗ ଆସିବା ପରେ ପରୀକ୍ଷା ଫଳ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି । ଏପଟେ ଏହି ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁହାଁମୁହିଁ ହୋଇଛନ୍ତି ।ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି 'ଶକ୍ତିବନ୍ଦନ' କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କୁ ଶାଣିତ ସମାଲୋଚନା କରି କହିଛନ୍ତି ଯେ, ଓଡିଶା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ରାଜ୍ୟ ସରକାର ଖେଳୁଛନ୍ତି । ଓଡିଆ ପିଲାଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇଥିବା ମାହାଲ ମଣ୍ଡାଙ୍କୁ ଜବାବ ଦିଅନ୍ତୁ । ଗଣମାଧ୍ୟମରେ ୨୦ହଜାର ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଖବର ପ୍ରକାଶ ପାଇଛି । ଏଏସଓ ପରୀକ୍ଷା ପରେ ନିୟମ ବଦଳିଗଲା । ତା'ହେଲେ ଯେଉଁ ରାଜ୍ୟ ସରକାର ନିଜ ପାଖରେ ଟେକ୍ନୋଲୋଜି ଓ ଅଭିଜ୍ଞତା ଅଛି ବୋଲି ଦାବି କରୁଛି ପିଲାଙ୍କ ଭବିଷ୍ୟତକୁ ନେଇ କ'ଣ କରୁଛନ୍ତି ବୋଲି ସେ ଜାଣିବାକୁ ଚାହିଁଛନ୍ତି ।

## ଭୁବନେଶ୍ୱରରେ 'ଆୟୁଷ ଦୀକ୍ଷା' ମାନବ ସମ୍ବଳ ବିକାଶ କେନ୍ଦ୍ରର ଆଜି ଶିଳାନ୍ୟାସ କରିବେ କେନ୍ଦ୍ର ଆୟୁଷ ମନ୍ତ୍ରୀ



ଭୁବନେଶ୍ୱର,୨୦।୧(ପି.ଏନ): ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନ ଆୟୁର୍ବେଦ ଅନୁସନ୍ଧାନ ପରିଷଦର ମାନବ ସମ୍ବଳ ବିକାଶ କେନ୍ଦ୍ର 'ଆୟୁଷ ଦୀକ୍ଷା'ର ଶିଳାନ୍ୟାସ ସମାରୋହ ଆଜି ଅର୍ଥାତ ଜାନୁଆରି ୨୦ ତାରିଖ ପୂର୍ବାହ୍ନ ସାଢେ ୧୧ଟାରେ ଭୁବନେଶ୍ୱର ଭରତପୁର ସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ (ସିଏଆରଆଇ) ଠାରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଭାରତ ସରକାରଙ୍କ ଆୟୁଷ ଓ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ସିସିଆରଏଏସ୍ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ପ୍ରଫେସର ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟ, ଭୁବନେଶ୍ୱରସ୍ଥିତ ସିଏଆରଇ ନିର୍ଦ୍ଦେଶକ ଡାକ୍ତର ଏମ.ଏମ. ରାଓଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବେ।୩୦ କୋଟି ଟଙ୍କାର ବଜେଟ୍ ମଞ୍ଜୁରି ସହିତ 'ଆୟୁଷ ଦୀକ୍ଷା' ପ୍ରକଳ୍ପ ଅତ୍ୟାଧୁନିକ ସୁବିଧାକୁ ପ୍ରୋତ୍ସାହିତ କରିବ, ଯେଉଁଥିରେ ୩୦ରୁ ୪୦ ଜଣ ଜଣ ପ୍ରଶିକ୍ଷାର୍ଥୀଙ୍କ ବସିବା ସ୍ଥାନ ଥିବା ନେଇ ଦୁଇଟି ସଭାଗୃହ, ପ୍ରଶିକ୍ଷାର୍ଥୀ ରହିବା ପାଇଁ ସଂଯୁକ୍ତ ବାଥରୁମ୍ ସହିତ ୪୦ଟି କେନ୍ଦ୍ରୀୟ ବାତାନୁକୂଳିତ କୋଠରୀ, ଭିଆଇପି ଏବଂ ଭିଭିଆଇପି ସୁଟ୍, ଏକ ପ୍ରାକୃତିକ ପୁସ୍ତକାଳୟ ଏବଂ ଆଲୋଚନା କକ୍ଷ ପାଇଁ ସମର୍ପିତ କ୍ଷେତ୍ର, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ମଡ୍ୟୁଲାର ପେଣ୍ଟ୍ରି, ଡାଇନିଂ ଲାଉଞ୍ଜ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ରହିଛି ।ଏହି ଅନୁଷ୍ଠାନ ସାଧାରଣତଃ ଆୟୁଷ ଏବଂ ବିଶେଷ କରି ଆୟୁର୍ବେଦର ସମସ୍ତ ଅଂଶୀଦାରଙ୍କୁ ଜାତୀୟ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାନ କରିବ । ଏହା ଦ୍ୱାରା ଅନ୍ୟ ଜାତୀୟ ଅନୁଷ୍ଠାନ ଗୁଡ଼ିକ ସହିତ ଦକ୍ଷତା ବିକାଶ, ଆୟୁର୍ବେଦରେ ମାନବ ସମ୍ବଳକୁ ସୁଦୃଢ଼ କରିବା, ଗବେଷଣା ଓ ବିକାଶକୁ ସୁଗମ କରିବା, ଉଚ୍ଚମାନର ଗୁଣବତ୍ତା ବଜାୟ ରଖିବା ଏବଂ ରାଜସ୍ୱ ସୃଷ୍ଟି ସହିତ ଆତ୍ମନିର୍ଭରଶୀଳତା ହାସଲ କରିବାରେ ସହାୟକ ହେବ।

## ଫେବୃଆରୀ ୧ ତାରିଖରେ ଭୁବନେଶ୍ୱରରୁ ଆରମ୍ଭ ହେବ କଂଗ୍ରେସର ବସ ଯାତ୍ରା

ଭୁବନେଶ୍ୱର ,୨୦।୧(ପି.ଏନ): ଆସନ୍ତା ୨୯ ତାରିଖ ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖର୍ଗେଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ରୂପେ ସଫଳ କରିବା ପାଇଁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି ଜାରି ରଖିଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି। ଆସନ୍ତା ଫେବୃୟାରୀ ୧ ତାରିଖ ଦିନ ଭୁବନେଶ୍ୱର ରୁ ବସ୍ ଯାତ୍ରା ଆରମ୍ଭ ହେବ ବୋଲି ଏହି କାର୍ଯ୍ୟକ୍ରମର ଆବାହକ ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନପତି ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ସହିତ ଆଲୋଚନା କରି ଜଣାଇଛନ୍ତି। ରାଜ୍ୟର ୩୦ ଟି ଜିଲ୍ଲାକୁ ଏହି ବସ୍ ଯାତ୍ରା ଗସ୍ତ କରିବ ଏବଂ ପ୍ରତ୍ୟେକ ଜିଲ୍ଲାର ସଦରମହକୁମା ଏବଂ ଅନ୍ୟସ୍ଥାନ ମାନଙ୍କରେ ସାଧାରଣ ସଭା ଅନୁଷ୍ଠିତ ହେବ। ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସହିତ ସମସ୍ତ ବରିଷ୍ଠ ନେତୃବର୍ଗ ଏହି ବସ ଯାତ୍ରାରେ ଗସ୍ତ କରିବେ।ଆସଂ। ୨୩ ଓ ୨୫ ତାରିଖରେ ବିଧାନସଭା ସଂଯୋଜକ ତଥା ସଂସଦୀୟ କ୍ଷେତ୍ରର ସଂଯୋଜକ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ରୋଟାରୀ ଭବନ ଠାରେ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପ୍ରଶିକ୍ଷଣ ବିଭାଗର ବରିଷ୍ଠ ଅଧିକାରୀ ଓ ନେତୃବର୍ଗ ଆସନ୍ତା ୨୩ ତାରିଖ ଦିନ ସକାଳେ ଭୁବନେଶ୍ୱରରେ ପହଂଚିବେ।

## ବାଲିରେ ୫୦୦ ମନ୍ଦିରକୁ ନେଇ ତିଆରି ହେଲା ପ୍ରଭୁଶ୍ରୀରାମଙ୍କ ଭବ୍ୟ ମନ୍ଦିର



ଭୁବନେଶ୍ୱର,୨୦।୧(ପି.ଏନ): ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମି ଆଯୋଧା ଦେଇ ବୋହି ଯାଇଛି ସରଜୁ ନଦୀ। ତାହାରି କୂଳରେ ରହିଛି ରାମ ପାର୍କ। ସେଇଠାରେ ବାଲୁକା କଳା ପ୍ରସ୍ତୁତ କରିଛନ୍ତି ବାଲୁକା କଳା ଶିଳ୍ପି ସୁଦର୍ଶନ ପଟ୍ଟନାୟକ। ନିଜର ୮ ଜଣ ଛାତ୍ରଙ୍କୁ ନେଇ ସେ ପ୍ରଭୁ ଶ୍ରୀରାମଙ୍କ ବାଲୁକା କଳା ତିଆରି କରିଛନ୍ତି। ଯେଉଁଥିରେ ଝଟକୁଛି ପ୍ରଭୁ ଶ୍ରୀରାମଙ୍କ ବାତ୍ସଲ୍ୟ ରୂପ। ପୂରା କଳାକୁ ଅତି ନିଖୁଣ ଭାବେ ସେ ତିଆରି କରିଛନ୍ତି। ଶ୍ରୀରାମ ମନ୍ଦିର ପାଇଁ ଚାଲିଥିବା ୫୦୦ ବର୍ଷର ସଂଘର୍ଷକୁ ଏଥିରେ ସ୍ଥାନିତ କରାଯାଇଛି। ୫୦୦ଟି ଛୋଟ ଛୋଟ ମନ୍ଦିରକୁ ନେଇ ତିଆରି କରିଛନ୍ତି ବଡ ଶ୍ରୀରାମ ମନ୍ଦିର। ଆଉ ସେହି ମନ୍ଦିରରେ ସ୍ମିତହାସ୍ୟ ପ୍ରଭୁ ଶ୍ରୀରାମ ବିରାଜି ଛନ୍ତି। ପ୍ରଭୁ ଶ୍ରୀରାମଙ୍କୁ ନମସ୍କାର ମୁଦ୍ରାରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ।ବାଲୁକା କଳାକୁ ନେଇ ଶ୍ରୀ ପଟ୍ଟନାୟକ କହିଛନ୍ତି, ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ଯୋଗୁ ଆମେ ଏଠିକୁ ଆସି ପାରିଛୁ। ଶ୍ରୀରାମ ମନ୍ଦିର ନିର୍ମାଣ ପୂର୍ବରୁ ପୁରୀ ବିଚ୍?ରେ ବାଲୁକା କଳା କରିଥିଲୁ। ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ଆମକୁ ପୁରୀ ବେଳାଭୂମିରୁ ଅଯୋଧ୍ୟା ସରିଜୁ ନଦୀର ରାମ ପାର୍କକୁ ଟାଣି ଆଣିଛି। ଆଶା କରୁଛି, ଅଯୋଧ୍ୟାକୁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ କଳାକୃତିକୁ ଦେଖି ଉପଭୋଗ କରିପାରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ଚିଲିକାରେ ଚାଲିଛି ଡଲଫିନ୍ ଗଣନା



ଭୁବନେଶ୍ୱର,୨୦।୧(ପି.ଏନ): ଚିଲିକାରେ ଆରମ୍ଭ ହୋଇଛି ଡଲଫିନ୍ ଗଣନା । ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ଡଲଫିନ୍ ଗଣନା ଦିନ ୧୨ଟାରେ ଶେଷ ହେବ । ଏହି ଡଲଫିନ୍ ଗଣନାରେ ୧୮ଟି ଟିମ୍ ନିୟୋଜିତ ଅଛନ୍ତି । ବୈଜ୍ଞାନିକ ଡଲଫିନ୍ ବିଶେଷଜ୍ଞଙ୍କ ଟିମରେ ସାମିଲ । ବାଇନୋକ୍ୟୁଲାର ଏବଂ ଜିପିଏସ୍ ଟ୍ରାକିଂ ଦ୍ୱାରା ଚାଲିଛି ଗଣନା । ଡଲଫିନ୍ ଗଣନା ପାଇଁ ଭସାପୋଲ ଓ ଡଙ୍ଗା ଚଳାଚଳ ବନ୍ଦ କରାଯାଇଛି । ସାତପଡା ଡିଭିଜନରେ ୮ଟି ଟିମ୍ ଏବଂ ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନରେ ୧୦ଟି ଟିମ୍ ନିୟୋଜିତ ଅଛନ୍ତି । ପ୍ରତ୍ୟେକ ଟିମରେ ଅଛନ୍ତି ୮ରୁ ୧୦ ଜଣ ସଦସ୍ୟ ସାମିଲ ଅଛନ୍ତି ।ଯଦି କୋହଲା ପାଗ ରହିବ ତେବେ ଗଣନା ଆହୁରି ୩ ଦିନ ଚାଲିବ । ଚିଲିକା ନୀଳ ଜଳରାଶିରେ ଇରାୱଡି ପ୍ରଜାତିର ଡଲଫିନ୍ ଦେଖାଯାଉଥିବା ବେଳେ ସାତପଡା ମୁହାଣ ଅଂଚଳରେ ବଟଲ ନୋଜ୍ ପ୍ରଜାତିର ଡଲଫିନ୍ ଦେଖାଯାଆନ୍ତି । ତେବେ ଗତ ବର୍ଷ ଚିଲିକାରେ ୧୭୩ଟି ଡଲଫିନ୍ ଠାବ ହୋଇଥିବା ବେଳେ ୧୫୪ଟି ଇରାୱଡି ପ୍ରଜାତିର ଏବଂ ୧୯ଟି ୧୯ଟି ବଟଲ ନୋଜ୍ ପ୍ରଜାତିର ଥିଲେ ।

## ବନ୍ଦ ହେବ ଅନୁପ୍ରବେଶ, ମିଆଁମାର ସୀମାରେ ଲାଗିବ ତାରବାଡ



ଭୁବନେଶ୍ୱର,୨୦।୧(ପି.ଏନ):ବନ୍ଦ ହେବ ଅନୁପ୍ରବେଶ। ଆଉ ମିଆଁମାରରୁ ଭାରତକୁ ଆସିପାରିବେନି ଅନୁପ୍ରବେଶକାରୀ। ଭାରତ-ମିଆଁମାର ସୀମାରେ ଲାଗିବ ତାରବାଡ। ଆଜି ଏଭଳି କିଛି ଘୋଷଣା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦୁଇ ଦେଶ ମଧ୍ୟରେ ସହଜ ଗମନାଗମନକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯିବ ।ଖବର ଅନୁଯାୟୀ, ଗତ ତିନି ମାସ ମଧ୍ୟରେ ପ୍ରାୟ ୬୦୦ ମିଆଁମାର ସୈନିକ ସୀମା ଡେଇଁ ଭାରତକୁ ଆସିଛନ୍ତି। ପଶ୍ଚିମ ମିଆଁମାର ଆରାକାନ ଆର୍ମି ନାମକ ଏକ ଗୋଷ୍ଠୀ ସୈନିକମାନଙ୍କ ଶିବିରକୁ କବ୍‌ଜା କରିବା ପରେ ସେମାନେ ମିଜୋରାମର ଲଙ୍ଗଟଲାଇ ଜିଲାରେ ଆଶ୍ରୟ ନେଇଛନ୍ତି।

## ଆଗାମୀ ତିନି ଦିନ ପଡିବ ଘନ କୁହୁଡି, ୨୬ ଯାଏଁ ଅଛି ବର୍ଷା

ଭୁବନେଶ୍ୱର,୨୦।୧(ପି.ଏନ): ଆଗାମୀ ତିନି ଦିନ ରାଜ୍ୟର କିଛି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ପଡିବାର ସମ୍ଭାବନା ରହିଛି। ସେଥିପାଇଁ ସଂପୃକ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆଗାମୀ ୬ ଦିନ ଯାଏ ଅର୍ଥାତ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି, ବର୍ତ୍ତମାନ ଯେଉଁ ଗୁରୁଚାପ ବଳୟଟି ରହିଛି, ତା' ପ୍ରଭାବରେ ରାଜ୍ୟରେ ଜଳୀୟବାଷ୍ପ ପୂର୍ଣ୍ଣ ଉଷ୍ମ ବାୟୁ ପ୍ରବାହିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ୬ ଦିନ ଯାଏ ରାଜ୍ୟର କିଛି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି। ସେହିପରି ଆଗାମୀ ତିନି ଦିନ ଯାଏଁ ଉପକୂଳ ଓଡିଶା ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡିକରେ ଘନ କୁହୁଡି ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ବର୍ତ୍ତମାନ ରାଜ୍ୟର ଅନେକ ସ୍ଥାନରେ ରାତ୍ରି ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହୁଛି। ତେଣୁ ଶୀତର ପ୍ରକୋପ ବିଶେଷ ରହିବ ନାହିଁ ବୋଲି ପୂର୍ବାନୁମାନ ଜାରି କରାଯାଇଛି। ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଆଜିଠାରୁ ୨୧ ତାରିଖ (ଆସନ୍ତାକାଲି) ସକାଳ ସା?? ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା, କଳାହାଣ୍ଡି, ଢେଙ୍କାନାଳ, ମୟୂରଭଞ୍ଜ, ଅନୁଗୋଳ, ବଲାଙ୍ଗିର, ସୋନପୁର ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ୨୧ ତାରିଖ ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ରାୟଗଡା, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଅନୁଗୋଳ ଓ ବଲାଙ୍ଗିର ଜିଲ୍ଲାର ଗୋଟିରୁ ଦୁଇଟି ସ୍ଥାନରେ ଘନ କୁହୁଡି ପଡିବାର ସମ୍ଭାବନା ରହିଛି। ସେହିପରି ୨୨ ତାରିଖ ସକାଳ ସାଢ଼େ ୮ଟାରୁ ୨୩ ତାରିଖ ସକାଳ ସାଢ଼େ ୮ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ପଡିବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

## ଓଡିଶାର ମେଡ଼ିସିନ ଦୋକାନୀମାନେ ରୁହନ୍ତୁ ସାବଧାନ ! କୌଣସି ମୁହୂର୍ତ୍ତରେ ହୋଇପାରେ ଆପଣଙ୍କ ଲାଇସେନ୍ସ ରଦ୍ଦ



ନୂଆଦିଲ୍ଲୀ,୨୦।୧(ପି.ଏନ): ଦେଶରେ ଆଣ୍ଟିବାୟୋଟିକ୍ସ ଔଷଧ ଗୁଡିକର ଦୁରୁପଯୋଗ ଦିନକୁ ଦିନ ବଢିବାରେ ଲାଗିଛି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ନୂଆ ଗାଇଡଲାଇନ୍? ଆଣିଛନ୍ତି। ଆଉ ଏହି ନୂଆ ଗାଇଡଲାଇନ୍ ଆସିବା ପରେ ଏବେ ଆକ୍ସନ ମୁଡକୁ ଆସିଛନ୍ତି ରାଜ୍ୟ ସରକାର। ଏଣିକି ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ୍ ବିକ୍ରି କରି ଧରା ପଡିଲେ ମେଡିସିନ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ ହେବ। ଏପରି କଡା ଚେତାବନୀ ଦେଇଛନ୍ତି ଓଡିଶା ଡ୍ରଗସ୍ କ[]ଲର ଅଶୋକ କୁମାର ପାତ୍ର। ସୂଚନା ଥାଉକି, ଏଣିକି ଆଣ୍ଟିବାୟୋଟିକ୍ସ ମେଡିସିନ ଲେଖିବା ସମୟରେ 'ସଠିକ ସଂକେତ' ଲେଖିବା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସରକାର। ତେବେ ଆଣ୍ଟିବାୟୋଟିକ୍ସ ଦେବାର କାରଣ ତଥା ରୋଗୀଙ୍କ ଦେହରେ ଥିବା ଲକ୍ଷଣ ବିଷୟରେ ପ୍ରେସକ୍ରିପ୍ସନରେ ସଠିକ ସୂଚନା ଦେବା ପାଇଁ ମଧ୍ୟ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଔଷଧ ଗୁଡିକର ଅପବ୍ୟବହାର କିମ୍ବା ଅତ୍ୟଧିକ ବ୍ୟବହାରକୁ ରୋକିବା ପାଇଁ ଡାକ୍ତରମାନେ ଆଣ୍ଟିବାୟୋଟିକ୍ସର ପ୍ରକୃତ ଉଦ୍ଦେଶ୍ୟ ଏବଂ ଆବଶ୍ୟକତାକୁ ସ୍ପଷ୍ଟ ଭାବରେ ଦର୍ଶାଇବା ଉଚିତ ବୋଲି କେନ୍ଦ୍ର ସରକାର କହିଛନ୍ତି। ତେବେ କେନ୍ଦ୍ର ସରକାରଙ୍କର ଏହି ନୂଆ ଗାଇଡଲାଇନ୍ ପରିପ୍ରେକ୍ଷୀରେ ଡ୍ରଗ୍ସ କଣ୍ଟ୍ରୋଲର ଅଶୋକ କୁମାର ପାତ୍ର କହିଛନ୍ତି, ବିନା ପ୍ରେସକ୍ରିପସନରେ କେହି ଆଣ୍ଟିବାୟୋଟିକ୍? ବିକ୍ରି କରି ପାରିବେନି। ଯଦି ବିକୁଥିବା ନେଇ ଧରାପଡ଼ନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯିବ। ସେମାନଙ୍କ ବିରୋଧରେ Drugs and Cosmetics ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ଦରକାର ପଡ଼ିଲେ, ଲାଇସେନ୍ସ ସସପେଣ୍ଡ ଓ ରଦ୍ଦ ବି କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।ଏହା ସହ ସେ କହିଛନ୍ତି, ଡାକ୍ତରମାନେ ଆଣ୍ଟିବାୟୋଟିକ୍ସ ପ୍ରେସକ୍ରାଇବ କରିବାର କାରଣ ସ୍ପଷ୍ଟ କରି ଲେଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। Drugs and Cosmetics ACT ରେ ଅନୁଚ୍ଛେଦ H ରେ ୫୫୧ ଡ୍ରଗସ୍ ଅଛି। H୧ ରେ ୪୭ ପ୍ରକାର ଡ୍ରଗସ୍ ଅଛି ଯାହା କି higher antibiotics । ଏଥି ପାଇଁ ଦୋକାନୀ ରେଜିଷ୍ଟର କଡାକଡି ପାଳନ କରିବାର ନିୟମ ଅଛି।

## ପାଠ ପଢିବା ପାଇଁ ବାଧକ ସାଜିଛି ଅର୍ଥ, ଗୁଜୁରାଣ ମେଣ୍ଟାଇବା ପାଇଁ ପାଠ ପଢ଼ା ଛାଡ଼ି କେବେ ଦିନ ମଜୁରିଆ ତ କେବେ ଗୋରୁ ଚରାଉଛି ଭିକ୍ଟର୍

ପାରଳାଖେମୁଣ୍ଡି,୨୦।୧(ପି.ଏନ): ପାଠ ପଢିବା ପାଇଁ ଆଗ୍ରହ ଏବଂ ଇଚ୍ଛା ଶକ୍ତି ଥିଲେ ସୁଦ୍ଧା ଅର୍ଥ ଅଭାବ ଯୋଗୁଁ ଜଣେ ଆଦିବାସୀ ପୁଅ ପାଠ ପଢିବା ଛାଡି ଦେଇଛି. ଅଭାବ ଅନାଟନ ଓ ଗୁଜୁରାଣ ମେଣ୍ଟେଇବା ପାଇଁ ସେ କେତେବେଳେ ଗୋରୁ ଚଳାଉଛି ତଆଉ କେତେବେଳେ ଦିନ ମଜୁରିଆ ଭାବେ ଖଟିବାରେ ଲାଗିଛି. ଯେଉଁ ବୟସରେ ପାଠ ପଢ଼ିବା କଥା ଏବେ ସେହି ବୟସ ରେ ଅର୍ଥ ଅଭାବରୁ ପାଠ ପଢ଼ା ଛାଡ଼ି କେବେ ଦିନ ମଜୁରିଆ ଭାବେ କାମ କରୁଛି ତ କେବେ ଗାଇ ଚରେଇ ପରିବାର ପ୍ରତିପୋଷଣ କରୁଛି ୧୭ ବର୍ଷ ର ପୁଅ ଭିକ୍ଟର୍ ମଳିକ । ପାଠ ପଢ଼ିବା ପାଇଁ ଇଚ୍ଛା ଥିଲେ ମଧ୍ୟ ଅଭାବ ଅନଟନରେ ବାଧ ହେଉଛି କୁଲି ମଜୁରୀ କରିବା ପାଇଁ।ତେବେ ଆସନ୍ତୁ ଦେଖିବା ଏଭଳି ଏକ ଦୃଶ୍ୟ ଗଜପତି ଜିଲ୍ଲା ମୋହନା ବ୍ଲକ ବାଡେଗୁଡା ଗ୍ରାମରୁ।ଏ ହେଉଛି ଗଜପତି ଜିଲ୍ଲା ମୋହନା ବ୍ଲକ ବାଡେଗୁଡା ଗାଁର ଆଦିବାସି ପୁଅ ଭିକ୍ଟର ମଳିକ । ବାପା ବିଶାନ୍ତି ମଳିକ କିଛି ବର୍ଷ ତଳେ ଗଛରୁ ପଡ଼ି ଗୋଡ଼ ଭାଙ୍ଗିଯାଇଥିବାରୁ କୌଣସି କାମ ନ କରି ଏବେ ଅସହାୟ ଅବସ୍ଥାରେ ଘରେ ପଡିରହିଛନ୍ତି। ସେପଟେ ୭୫ ବର୍ଷୀୟ ଜେଜେମା ଙ୍କୁ ଠିକ୍ ରେ ଆଖିକୁ ଦେଖା ଯାଉନଥିବା ବେଳେ ଘରେ ରହି ଅସହାୟ ପୁଅ ର ସେବା କରି ଘରେ ହିଁ ରହୁଛନ୍ତି। ବାପା ଙ୍କ ଗୋଡ଼ ଭାଙ୍ଗିଯିବା ପରେ ମଧ୍ୟ ଦୁଃଖ କଷ୍ଟରେ ଗାଇ ଚରାଇ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ୩୧୭ ନମ୍ବର୍ ରଖିବି ୨ ଗ୍ରେଡରେ ଉତିର୍ଣ୍ଣ ହୋଇଥିଲେ ଭିକ୍ଟର।ଘରେ ଅଭାବ ଅନଟନ ରେ ମଧ୍ୟ ଆଗକୁ ପାଠ ପଢ଼ିବା ପାଇଁ ଇଚ୍ଛା ଥିଲା ।ହେଲେ ଆଲିଗଣ୍ଡା ଜୟ ଭାରତୀ ହାଇସ୍କୁଲ ରେ ଉତିର୍ଣ୍ଣ ହୋଇଥିବା ସାର୍ଟିଫିକେଟ ଯେତେବେଳେ ଆଣିବାକୁ ଯାଇଥିଲେ ଭିକ୍ଟର ସେତେବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ୧୧୦୦ ଟଙ୍କା ମାଗିଥିଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ବୋଲି ଭିକ୍ଟର ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦେଇ କହିଛନ୍ତିଯେ ଟଙ୍କା ଦେଇନ ପାରିବା ଯୋଗୁଁ ସାର୍ଟିଫିକେଟ ବିଦ୍ୟାଳୟରେ ଛାଡ଼ି ଚାଲି ଆସିଥିଲେ ଭିକ୍ଟର। ଗୋଟିଏ ପଟେ ଅସହାୟ ବାପା ଘରେ ପଡ଼ି ରହିଥିବା ବେଳେ ଅନ୍ୟପଟେ ଅଭାବ ଅନଟନ ଲାଗି ରହିଥିଲା। ଗାଁ ର କିଛି ଯୁବକ କେରଳ ଦାଦନ ଖଟିବାକୁ ଯାଉଥିବା ଦେଖି ଭିକ୍ଟର ମଧ୍ୟ ତାଙ୍କ ସାଥିରେ ଚାଲିଯାଇଥିଲା। ହେଲେ ବୟସ କମ୍ ଥିବାରୁ କେରଳରେ କୌଣସି କାମ ମିଳିନଥିଲା। ଯାହା କି ଏବେ ଗାଁ ରେ ରହି କୁଲି ମଜୁରୀ କରିବା ସହ ଗାଈ ଗୋରୁ ଚରାଇ ପାରିବାର ପ୍ରତିପୋଷଣ କରୁଛି ଭିକ୍ଟର। ଗୋଟିଏ ପଟେ ନିଜର ଯେଉଁ ଘରେ ପୂର୍ବରୁ ରହୁଥିଲେ ଏବେ ସେହି ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ସେହି ଜରାଜୀର୍ଣ୍ଣ ଘରକୁ ନିର୍ମାଣ କରିବା ପାଇଁ ଅର୍ଥ ଅଭାବ ଦେଖି ଗ୍ରାମବାସୀ ଭିକ୍ଟର ମଳିକ ର ପରିବାର କୁ ଏକ ଘରେ ରହିବାକୁ ଆଶ୍ରୟ ଦେଇଛନ୍ତି। ଯାହା କି ସରକାର ତାଙ୍କୁ ପକ୍କା ଘର ସହ ଭିକ୍ଟର ପାଇଁ ସମସ୍ତ ପାଠ ପଢ଼ା ଖର୍ଚ୍ଚ ତୁଲାଇବେ ତା ହେଲେ ଆଗକୁ ଯାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,



ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଲୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଲୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ ।



ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଅଳିଆଗଦାରେ ପଡ଼ିଛି ଶିଳ୍ପ ନିରାପତ୍ତା ଆଇନ !

କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଭାରତବର୍ଷର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ଶିଳ୍ପ ସମ୍ବନ୍ଧୀୟ କଳକାରଖାନା ପାଇଁ କଠୋର ଆଇନ ରହିଛି। ଶିଳ୍ପଜନିତ ଶ୍ରମିକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଭିତ୍ତିରେ ମାନିବା ପାଇଁ ବିଭିନ୍ନ ସମୟରେ ଆଇନର ତର୍ଜମାକୁ କଠୋର ବି କରାଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କଠାରୁ ହାଇକୋର୍ଟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଶିଳ୍ପ ନିରାପତ୍ତା ଆଇନ ମାମଲାରେ ନିରପେକ୍ଷ ତଦନ୍ତ ସହ କଠୋର ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ କଡ଼ାକଡ଼ି ନିର୍ଦ୍ଦେଶ ବି ଦିଆଯାଇଛି। ୧୯୯୪ର ଅଗ୍ରୱାଲ ଇଣ୍ଡଷ୍ଟ୍ରିଜ୍ ବନାମ ମହାରାଷ୍ଟ୍ରର ସରକାର ମାମଲାଠାରୁ ୨୦୧୨ର ପଶ୍ଚିମବଙ୍ଗ ସରକାର ବନାମ ସିଂ ଟ୍ରେଡ଼ର୍ସ ଆଲଏଜ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ନିରୀହ ଶ୍ରମିକଙ୍କୁ ଯୂପକାଠିର ବଳିବୋଦା କରାଯାଉଥିବା ନେଇ ଘୋର ଉଦ୍‌ବେଗ ପ୍ରକାଶ କରି ଯେଉଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଥିଲେ ତାହାକୁ ଭାରତର ଅଧିକାଂଶ ଛୋଟବଡ଼ ଶିଳ୍ପସଂସ୍ଥାମାନେ ଫୁତ୍‌କାରରେ ଉଡାଇ ଦେଇଛନ୍ତି। ପ୍ରକାରାନ୍ତରେ କହିବାକୁ ଗଲେ ଶିଳ୍ପ ନିରାପତ୍ତା ଆଇନ ଅଳିଆଗଦାରେ ହିଁ ପଡ଼ିରହିଛି। ଦିନକୁ ଦିନ ଶିଳ୍ପ ପ୍ରଗତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଶିଳ୍ପ କାରଖାନା ଛତୁ ଫୁଟିଲା ପରି ଗଢ଼ି ଉଠୁଛି। କିନ୍ତୁ ସରକାରୀ ପ୍ରଣୀତ ଆଇନକୁ ପଛରେ ପକାଇ ଏହି କଳକାରଖାନାର କର୍ତ୍ତୃପକ୍ଷ ନା ଆଇନକୁ ମାନୁଛନ୍ତି ନା ଶ୍ରମିକଙ୍କୁ ବୈଷୟିକ ତାଲିମ ଦେଉଛନ୍ତି। କେବଳ ସେତିକି ନୁହେଁ ସରକାରଙ୍କୁ ପ୍ରଭାବିତ କରି ନିୟମିତ ଅନୁଧ୍ୟାନ ଓ ଯାଞ୍ଚ ବ୍ୟବସ୍ଥାକୁ ରୋକିବାରେ ବି ସଫଳ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ପାଖାପାଖି କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଚାରିହଜାରରୁ ଊର୍ଦ୍ଧ୍ୱ ଛୋଟବଡ଼ ଶିଳ୍ପ କାରଖାନା କାର୍ଯ୍ୟକରୁଛି। ଏଥିରେ ଶ୍ରମିକ ଭାବେ କାର୍ଯ୍ୟକରୁଥିବା ଅଧିକାଂଶ ହେଉଛନ୍ତି ଦାରିଦ୍ର୍ୟ ପ୍ରପୀଡ଼ିତ ଯୁବକ, ବେକାରରେ ଛଟପଟ ହେଉଥିବା ଅଭାବୀ ଉଚ୍ଚଶିକ୍ଷିତ ପିଲା, ତଥା ଗ୍ରାମାଞ୍ଚଳ ଓ କୃଷିକ୍ଷେତ୍ରରୁ ଆସୁଥିବା ଅଣକୁଶଳୀ ଓ ଅନଭିଜ୍ଞ ଯୁବବର୍ଗ। ଦିନକୁ ଦିନ ରାଜ୍ୟରେ ଶିଳ୍ପ ପ୍ରଗତି ନାମରେ ଚକ୍ଷାପୁଅର କ୍ଷତ ଉପରେ ଶିଳ୍ପର ଚିମିନ୍ ଧୂଆଁ ଉଠୁଥିବାରୁ ବେରୋଜଗାରୀ ଯୁବବର୍ଗମାନେ ଯାହା ପାଇଲେ ସନ୍ତୁଷ୍ଟ ନିଆଁରେ କମ୍ ମଜୁରୀରେ ଏହି ଶିଳ୍ପସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଏହି ଶ୍ରମଶକ୍ତି ହାତପାଆନ୍ତାରେ ଓ ଖୁବ୍ କମ୍ ମଜୁରୀରେ ମିଳିଯାଉଥିବାରୁ ପରବର୍ତ୍ତୀ ସମୟରେ ଶିଳ୍ପସଂସ୍ଥାମାନେ ସେମାନଙ୍କୁ ତାଲିମ ଦେବା ପାଇଁ ଉଚିତ୍ ନ ମଣି ବରଂ ସେମାନଙ୍କ ଜୀବନକୁ ତତଲା ଲୁହା ଭିତରକୁ ପୁରାଇ ଦେଉଥିବା ପରି ଅଭିଯୋଗ ବିଭିନ୍ନ ସମୟରେ ଗଣମାଧ୍ୟମରେ ଚର୍ଚ୍ଚିତ ଖବର ଭାବେ ପ୍ରକାଶ ପାଉଛି। କିଛିବର୍ଷ ତଳେ ଭାରତର ମହାଲେଖାକାର ଏଭଳି ପରିସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରି ଶ୍ରମଜୀବୀଙ୍କୁ ବୈଷୟିକ ତାଲିମ ପ୍ରଦାନ ସହ ସେମାନଙ୍କ ଧନଜୀବନର ସୁରକ୍ଷା ପାଇଁ ବିଧିବଦ୍ଧ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଯେଉଁ ପରାମର୍ଶ ଦେଇଥିଲେ, ତାହା ସରକାରୀ ନାଲିଫିତା ତଳେ ହିଁ ବନ୍ଧା ପଡ଼ିଯାଇଛି। ୨୦୦୬ରୁ ୨୦୦୮ ଦୁଇବର୍ଷ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକଙ୍କ ସୁରକ୍ଷାଜନିତ ପରିସ୍ଥିତିକୁ ତର୍ଜମା କରି ଭାରତର ମହାଲେଖାକାର ଯେଉଁ ରିପୋର୍ଟ ଦେଇଥିଲେ ତାହା ସରକାରଙ୍କ ଶୀତଳ ଭଣ୍ଡାରରେ ପଡ଼ିଛି। ଅବଶ୍ୟ ଏହାକୁ ଚାପିବା ପାଇଁ ଶିଳ୍ପସଂସ୍ଥାର ଅଦୃଶ୍ୟ ହାତର କରିସ୍ମା ହିଁ ଏସବୁ କିଛି ସମ୍ଭବ କରୁଥିବାର ଅଭିଯୋଗ ଉଠୁଛି।

ଶିଳ୍ପସଂସ୍ଥାର ଯାଞ୍ଚ ଓ ତନଖି ପାଇଁ ରାଜ୍ୟସରକାରଙ୍କ ଶ୍ରମ ବିଭାଗ ଓ ଫ୍ୟାକ୍ଟ୍ରି ଏଣ୍ଡ ବଏଲର ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନା କରୁନଥିବା ନେଇ ଖୋଦ୍ ମହାଲେଖାକାର ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ଓଡ଼ିଶାରେ ଦୁଇବର୍ଷର ଶିଳ୍ପ ଅନୁଧ୍ୟାନ ସଂକ୍ରାନ୍ତ ମାମଲାରୁ ଯାହା ତଥ୍ୟ ବାହାରିଛି, ସେଥିରେ ପ୍ରକାଶ ପାଇଛି ଯେ ୩୨୭୬ ଥର ଯାଞ୍ଚ କରାଯିବାର ପ୍ରାସଙ୍ଗିକତା ଥିବାବେଳେ ମାତ୍ର ୯୯୩ ଥର ଯାଞ୍ଚ ହୋଇଛି। ପ୍ରତିଟି ଶିଳ୍ପସଂସ୍ଥାରେ ଜରୁରୀକାଳୀନ ରେସ୍‌ପନ୍ସ କେନ୍ଦ୍ର ଗଠନ କରିବା ପାଇଁ ସରକାରଙ୍କୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ତାହାକୁ ଅଧିକାଂଶ ଶିଳ୍ପସଂସ୍ଥାମାନେ ମାନିନାହାଁନ୍ତି। ସେହିପରି ପାଞ୍ଚଶହରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଶିଳ୍ପ ସଂସ୍ଥାରେ ଜରୁରୀକାଳୀନ ଭାବରେ ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗଢ଼ିବାର ନିୟମକୁ ବି ଅଧିକାଂଶ ଶିଳ୍ପସଂସ୍ଥା ଗ୍ରହଣ କରିନାହାନ୍ତି। ନିକଟଅତୀତରେ ଭୂଷଣ ଇସ୍ପାତ କାରଖାନାରେ ଯେଉଁ ଭୟାବହ ବିସ୍ଫୋରଣରେ ଶ୍ରମଜୀବୀଙ୍କ ମୃତାହତ ପ୍ରସଙ୍ଗ ପରେ ଶିଳ୍ପ କାରଖାନାର ସୁରକ୍ଷା ଓ ଆଇନ ନେଇ ବିଭିନ୍ନ ଫୋରମ୍‌ରେ ପ୍ରଶ୍ନ ଉଠୁଛି । ଭୂଷଣ ମାମଲାରୁ ଯାହା ଜଣାଯାଇଛି ଏଠାରେ ୪୮ଟି ଅନୁବନ୍ଧିତ ନିର୍ମାଣ ଠିକା ସଂସ୍ଥା କାର୍ଯ୍ୟ କରୁଥିଲାବେଳେ ଅଣଅନୁବନ୍ଧିତ ସଂସ୍ଥାଙ୍କ ସଂଖ୍ୟା ଶତାଧିକରୁ ଊର୍ଦ୍ଧ୍ୱ। ଯାହାଦ୍ୱାରା ଦୁର୍ଘଟଣା ଦିନ ଶ୍ରମିକଙ୍କ ଉପସ୍ଥିତିର ତଥ୍ୟ ଦେବା ପାଇଁ ଭୂଷଣ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଶିଳ୍ପସଂସ୍ଥାରେ ଶ୍ରମିକଙ୍କ ନିରାପତ୍ତା ସୁରକ୍ଷା ସମ୍ବନ୍ଧୀୟ ଓଡ଼ିଶା ଫ୍ୟାକ୍ଟ୍ରିଜ୍ ରୁଲ ୧୯୫୯କୁ ଠିକ୍‌ଭାବେ ପାଳନ କରାଯାଉନାହିଁ ବୋଲି ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଅଭିଯୋଗ ହେଉଛି। ରାଜ୍ୟରେ ଶିଳ୍ପ ଦୁର୍ଘଟଣାରେ ୧୯୯୬ରେ ମାତ୍ର ଚାରିଜଣ ମୃତ୍ୟୁଲାଭ କରିଥିବାବେଳେ ୨୦୦୯ରେ ୧୨୨ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ରାଜ୍ୟର ଚାରୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ପାଖାପାଖି ୬୩୪ଟି ମାମଲା ବିଚାରଧୀନ ରହିଛି। ପଶ୍ଚିମାଞ୍ଚଳ ପୌରନିର୍ବାଚନ ପାଇଁ ରାଜ୍ୟ ସରକାର ନିଜର କଳବଳ କୌଶଳକୁ ଲଗାଇ ଦେଇଥିବାରୁ ଭୂଷଣ ମାମଲାକୁ ଗମ୍ଭୀରତାର ସହ ନେଇ ନଥିବା ନେଇ ବିରୋଧୀ ଦଳଙ୍କ ଦାବୀ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୂଷଣ ପରି ଭୟାବହ ଶିଳ୍ପ ବିସ୍ଫୋରଣ ମାମଲା ପରଠାରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପଦୁଟିଏ ବି ପ୍ରତିକ୍ରିୟା ଦେଇନାହାଁନ୍ତି। ପ୍ରାରମ୍ଭିକ ସମୟରେ ଭୂଷଣର ଦୁର୍ଘଟଣା ପାଇଁ ଶ୍ରମମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଆଡ଼କୁ ଆଙ୍ଗୁଠି ଉଠାଇଥିଲେ ବି ପରବର୍ତ୍ତୀ ସମୟରେ ସେ ବି ପୁରାପୁରି ନୀରବ। ସେହିପରି ବିଭିନ୍ନ ଦଳର ନେତାମାନେ ପ୍ରଥମେ ତୁମ୍ବିତୋଫାନ ଦେଖାଉଥିଲେ ବି ପରେ କିନ୍ତୁ ପୁରାପୁରି ମାମଲାରୁ ଉଭାନ ହୋଇଯାଇଛନ୍ତି। ଭୂଷଣର ଏହି ଭୟାନକ ମାମଲାକୁ ମାଡ଼ି ମକ୍‌ଚି ଦଳି ଦେବାକୁ କମ୍ପାନୀଠାରୁ ସରକାର ସମସ୍ତେ ହିଁ ଯେପରି ତତ୍ପର ତାହାକୁ ନେଇ ଗଣମାଧ୍ୟମରେ ବିଭିନ୍ନ ଖବର ପ୍ରକାଶ ପାଇଛି । ଯାହାଦ୍ୱାରା ଭୂଷଣର ୨୫୬ ମେଗାୱାଟ ବିଶିଷ୍ଟ ପାୱାର ପ୍ଲାଣ୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅନୁମତି ନ ନେଇ ଚଳାଇବାର ଦୁଃସାହାସ କରିଛି। ଭୂଷଣର ବିସ୍ଫୋରଣର ପ୍ରସଙ୍ଗ ଶିଳ୍ପନିରାପତ୍ତା ଆଇନକୁ ଖୋଲାଖୋଲି ଜଳଜଳ କରି ସମସ୍ତଙ୍କୁ ହିଁ ଦେଖାଇ ଦେଉଛି। ପ୍ରଶାସନ ଓ ସରକାର ଏ ପ୍ରସଙ୍ଗକୁ ଚାପିଦେଲେ ରାଜ୍ୟରେ ପରବର୍ତ୍ତୀ ସମୟରେ ଭୂଷଣ ପରି ଭୟାନକ କାଣ୍ଡ କେତେ ନିରୀହ ମେହନତିଙ୍କ ଜୀବନଦୀପ ଯେ ନ ଲିଭାଇବ ତାହା କିଏ କହିବ ?

# ସ୍ୱପ୍ନ ସଂକଳ୍ପ ଓ ପ୍ରଗତିର ଅଗ୍ରଦୂତ: ଡକ୍ଟର କଲାମ

•••••••ଅକ୍ଷୟ କୁମାର ରାଉତ•••••••

ଯୁଗେ ଯୁଗେ ମହାପୁରୁଷଙ୍କର ଆବିର୍ଭାବ ହୁଏ। ସାମାଜିକ ଜୀବନ ଯେତେବେଳେ କଳୁଷିତ, ମନୁଷ୍ୟ ପଥଭ୍ରଷ୍ଟ, ସମାଜରେ ଆସୁରିକ ଶକ୍ତି ବୃଦ୍ଧିପାଏ। ମାଟିରୁ ଆକାଶ, ମହାକାଶରୁ ମହାଶୂନ୍ୟ ପର୍ଯ୍ୟନ୍ତ ସ୍ୱପ୍ନକୁ ପରିବ୍ୟାପ୍ତ କରି ମନୁଷ୍ୟ ମନରେ ଆତ୍ମବିଶ୍ୱାସ, ପ୍ରେରଣା, ସାହସ ଓ ଶକ୍ତିର ଉତ୍ସ ସୃଷ୍ଟି କରୁଥିବା ଭାରତୀୟ କ୍ଷେପଣାସ୍ତ୍ରର ଜନକ, ଲୋକପ୍ରିୟ ରାଷ୍ଟ୍ରପତି ଡକ୍ଟର ଅବୁଲ ପାକିର ଜୈନୁଲ ଆବେଦିନ ଅବଦୁଲ କଲାମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲ ବଦ୍ଦିନ୍ ମରକାୟାର। ତାଙ୍କର ଏକ ବଡଭାଇ ଥିଲେ ଏ.ପି.ଜେ ମୁଥାୟାର୍। ସେ ଶାନ୍ତ, ସରଳ, ଉଦାର ସ୍ୱଭାବର ପିଲା ଥିଲେ। ସେ ମା'ଙ୍କ ହାତରନ୍ଧା ଖାଦ୍ୟ ମା'ଙ୍କ ସହିତ ରୋଷେଇ ଘର ଚଟାଣରେ କଦଳୀପତ୍ରରେ ଖାଉଥିଲେ। ପିତାମାତାଙ୍କର କାଲାମ୍ ଥିଲେ ଗେହ୍ଲା ପୁଅ।

କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରି ନ ଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର (ବ୍ରାହ୍ମଣ) କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ମୁହଁ ଛିଞ୍ଚାଡି ଭୋଜନ ଦେବାକୁ ମନା କରିଦେଲେ। ଆୟାର ତାଙ୍କ ପତ୍ନୀ ଉପରେ ରାଗିଲେ ନାହିଁ ବରଂ ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛିଦିନ ପରେ କଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍ୱାଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତି କରି ତିରୁଚିରାପଲ୍ଲୀ ସେଣ୍ଟ ଯୋସେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍‌ସି. ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନଥିଲା। ତେଣୁ ସେ ସ୍କୁଲ ପାଠପଢ଼ା ସମୟରେ ଖବରକାଗଜ ବିତରଣ କରୁଥିଲେ। ସ୍କୁଲରେ କଲାମ ଆଗଧାଡିର ଛାତ୍ର ନଥିଲେ ମଧ୍ୟ ଜଣେ ମେଧାବୀ ଭାବେ ପରିଚିତ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ। ୧୯୫୮ ମସିହାରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲାପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫଟ୍ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋର୍ ସ୍ଥିତ ବ୍ୟୋମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫଟ୍ ଯାନ ନିର୍ମାଣକାରୀ ଚାରିଜଣିଆ ଦଳର ନେତୃତ୍ୱ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଭିକେ କୃଷ୍ଣମେନନ୍‌ଙ୍କୁ କଲାମ ଲାଞ୍ଜବିହୀନ ହୋଭର କ୍ରାଫଟ୍ 'ନନ୍ଦି'ରେ ବସାଇ ଆକାଶରେ ଉଡିଥିଲେ। ୧୯୮୦ ମସିହା ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଆନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ (ଅଳ୍ପ ଉଚ୍ଚରେ ଉଡୁଥିବା ବିମାନକୁ ଲକ୍ଷ୍ୟଭେଦ କରିବାକୁ ସକ୍ଷମ କ୍ଷେପଣାସ୍ତ୍ର), ପୃଥ୍ୱୀ (ଭୂପୃଷ୍ଠରୁ ଭୂପୃଷ୍ଠକୁ ୧୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର), ଆକାଶ (୧୫ ସେକେଣ୍ଡରେ ୨୫ କି.ମି. ପର୍ଯ୍ୟନ୍ତ ଭୂପୃଷ୍ଠରୁ ଆକାଶକୁ ଭେଦ କରିପାରୁଥିବା ସୁରସୋନିକ କ୍ଷେପଣାସ୍ତ୍ର, ଯିଏ କି ଏକ ସମୟରେ ୪ଟି ଲକ୍ଷ୍ୟସ୍ଥଳକୁ ନିଶାଣ କରିବାକୁ ସକ୍ଷମ), ଅଗ୍ନି (୫୦୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ବଲିଷ୍ଟିକ୍ କ୍ଷେପଣାସ୍ତ୍ର) ଓ ବ୍ରହ୍ମୋସ (ରୁଷ ସହିତ ମିଳିତ ଭାବେ ବିକଶିତ କ୍ଷେପଣାସ୍ତ୍ର ଧ୍ୱନିଠାରୁ ଦ୍ରୁତଗତିରେ ଯାଉଥିବା ଏହି କ୍ଷେପଣାସ୍ତ୍ର ଭୂପୃଷ୍ଠ, ସମୁଦ୍ର ଓ ଆକାଶରେ ଲକ୍ଷ୍ୟଭେଦ କରିବାକୁ ସକ୍ଷମ)କୁ ବିକଶିତ କରିବାରେ କଲାମଙ୍କ ଅବଦାନ ରହିଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ ମସିହାରେ ଆଇଟିଆର୍



ପ୍ରତିଷ୍ଠା ହେବାପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡିଶାର ନିବିଡ ସମ୍ପର୍କ ରହିଥିଲା। କଲାମ ୧୯୯୮ ମସିହା ମେ' ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷା କରି ସମଗ୍ର ବିଶ୍ୱବାସୀଙ୍କୁ ଚକିତ କରିଦେଇଥିଲେ। କଲାମ ନିଜର କର୍ମକୁ ମହାନ୍ ମନେକରୁଥିଲେ। ଏହିପରି ଜଣେ ବିରଳ ବ୍ୟକ୍ତିତ୍ୱକୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଆପ୍ ଫାୟାର୍', 'ଇଣ୍ଡିଆ ୨୦୨୦- ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜିର୍ନି' ଓ ' ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଜଣେ ଅଣରାଜନୈତିକ ବ୍ୟକ୍ତି ଭାବେ ୨୦୦୨ ମସିହା ଜୁଲାଇ ୨୫ ତାରିଖରେ କ୍ୟାପ୍‌ଟେନ୍ ଲକ୍ଷ୍ମୀ ସେହେଗାଲଙ୍କୁ ହରାଇ ଭାରତର ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ। ଭାରତର ସର୍ବୋଚ୍ଚ ଆସନରେ ଅଳଙ୍କୃତ ହେବାପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କ ପାଖରେ ଛୁଆଁ ଅଛୁଆଁର ଭେଦଭାବ ନଥିଲା। ତାଙ୍କର ସ୍ନେହଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅପ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ତମ ଜନ୍ମଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ସେ ରାଷ୍ଟ୍ରପତି ଭାବରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଅନ୍ୟ ଦ୍ୱାରା ଜୋତା କାଢ଼ିବା ପରମ୍ପରାକୁ ଭଙ୍ଗକରି କାର୍ ଭିତରେ ଜୋତା ରଖିଥିଲେ। କଲାମ ରାଷ୍ଟପତି ଭାବେ ପାଉଥିବା ସମସ୍ତ ପୁଞ୍ଜିକୁ ଏକ ଟ୍ରଷ୍ଟକୁ ଦାନ କରି ଦେଉଥିଲେ।

ଈଶ୍ୱରବିଶ୍ୱାସୀ କଲାମ ସାଧୁ, ସନ୍ନ୍ୟାସୀ ମାନଙ୍କୁ ଗଭୀର ସମ୍ମାନ କରୁଥିଲେ। ସେ ମୁସଲିମ୍ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ। ସେ ସମସ୍ତ ଧର୍ମର ଊର୍ଦ୍ଧ୍ୱରେ ଥିଲେ। ମଣିଷ ଗୋଟିଏ ଜାତି ବୋଲି ବୁଝିଥିଲେ। ରାଷ୍ଟ୍ରପତି ପଦରୁ ଅବସର ନେବାପରେ କଲାମ୍ ଆଇଆଇଏମ୍ ସିଲଂ, ଆଇଆଇଏମ୍ ଅହମ୍ମଦାବାଦ, ଆଇଆଇଏମ୍ ଇନ୍ଦୋରରେ ପରିଦର୍ଶନକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଏହି ଲୋକପ୍ରିୟ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ଅବଦୁଲ କଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖ ସୋମବାର ଦିନ ଶିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦ୍‌ଘାତରେ ୮୪ ବର୍ଷ ବୟସରେ ମହାପ୍ରାୟଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ୨୦୧୫ ମସିହା ଜୁଲାଇ ୩୧ ତାରିଖ ଶୁକ୍ରବାର ଦିନ ତାଙ୍କର ଶେଷକୃତ୍ୟ ତାଙ୍କ ଜନ୍ମମାଟି ରାମେଶ୍ୱରରେ କରାଯାଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡଃ କଲାମ। ତାଙ୍କର ପ୍ରତିଭା, ଯଶ, କୀର୍ତ୍ତି, ଖ୍ୟାତି, ଦେଶପ୍ରେମ, ସେବା, କର୍ମ ଓ ମାନବୀୟ ଗୁଣ ପାଇଁ ମହାମାନବ ଭାବେ ସେ ଚିରଦିନ ଅମର ହୋଇ ରହିବେ।

# କଂଗ୍ରେସ ପକ୍ଷରୁ ୧୨ ଘଂଟିଆ କୋରାପୁଟ ଜିଲା ବନ୍ଦ ପାଳନ, ସିପିଆଇ ଦେଲା ସମର୍ଥନ

ଜୟପୁର, (ପି.ଏନ):କୋରାପୁଟ ଜିଲାରେ ଆଜି ୧୨ ଘଂଟିଆ ବନ୍ଦ ପାଳନ କରିଛି ଜିଲା କଂଗ୍ରେସ । ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ରାସ୍ତା ଅବରୋଧ କରାଯାଇଛି । ଦୋକାନ, ବଜାର, ଚକ, ଅଖ, ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଛି । ଶହ ଶହ ଗାଡି ଅଟକି ରହିଛି । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି ।କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଜ ଜିଲାରେ ନିଯୁକ୍ତି ସୁଯୋଗ ଦେବା, କୋରାପୁଟ ଜିଲାର ସିଟି, ବିଇଡି ଏବଂ ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀ ମାନଙ୍କୁ ଆଗ୍ରାଧିକାର ଭିତିରେ କୋରାପୁଟ ଜିଲାରେ ଶିକ୍ଷକ/ ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଉ, କୋରାପୁଟ ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ, ଏହି ଜିଲାର ତାଲିମ ପ୍ରାପ୍ତ ଏଏନଏମ ଏବଂ ବିଏସି ନର୍ସିଙ୍ଗ ପ୍ରାର୍ଥି ମାନଙ୍କୁ ଆଗ୍ରାଧିକାରି ଭିତିରେ ନିଯୁକ୍ତି ଦିଆଯାଉ, କୋରାପୁଟ ଠାରେ ଥିବା ବିଇଡି କଲେଜରେ ଦିର୍ଘ ତିନି ବର୍ଷ ହେଲା ବିଭିନ୍ନ ଅଧ୍ୟାପକ ପଦବୀ ଖାଲି ପଡିଛି ଏବଂ ପିଲାଙ୍କ ପ୍ରବେଶ ବନ୍ଦ ରହିଛି । ଫଳରେ ଜିଲାର ଛାତ୍ର ଛାତ୍ରୀ ମାନେ ତାଲିମ ପାଇଁ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଠକାମିର ଶୀକାର ହେଉଛନ୍ତି, ତେଣୁ ତୁରନ୍ତ ବନ୍ଦ ହୋଇ ରହିଥିବା ବିଇଡି କଲେଜକୁ ଶହେ ସିଟ ବିଶିଷ୍ଟ କରି ଖୋଲାଯାଉ, ଜୟପୁର ଠାରେ କେନ୍ଦ୍ରୀୟ ଡ୍ରାଇଭିଙ୍ଗ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି କରାଯାଇ ଜିଲାକୁ ବନ୍ଦ କରାଯାଇଛି । ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆମ୍ବଗୁଡା, ଗାନ୍ଧି ଛକ ଠାରେ ମଧ୍ୟ ରାସ୍ତା ଅବରୋଧ କରାଯାଇଛି । ଏହି ବନ୍ଦ ପାଳନ ସମୟରେ ଜୟପୁର ଟ୍ରାଫିକ ଛକରେ ବିଧାୟକ ବାହିନିପତିଙ୍କ ସହ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନିହାର ବିଷୋୟୀ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, କାନ୍ତ ପାଢୀ, ଶରତ ଚନ୍ଦ୍ର ବୁରୁଦା ସମେତ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କହିଛନ୍ତି । ଏହି ବନ୍ଦ ଡାକରାକୁ ସିପିଆଇ କୋରାପୁଟ ଜିଲା ତରଫରୁ ସମର୍ଥନ ଦିଆଯାଇଛି । ଏନେଇ ସିପିଆଇ ତରଫରୁ ଟ୍ରାଫିକ ଛକରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସର ସମସ୍ତ ଦାବିକୁ ସମର୍ଥନ କରିବା ସହ ମହିଳା କୁସ୍ତି ଖେଳାଳିଙ୍କୁ ନ୍ୟାୟ, କୋଟିଆ ବିବାଦର ସମାଧାନ, କାଗଜ କଳ ସମସ୍ୟାର ସମାଧାନ ଆଦି ଦାବିରେ ସିପିଆଇର ବିକ୍ଷୋଭ କରିଛି । ଦଳିୟ ପତକା ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

## ପ୍ଲାଷ୍ଟିକ୍‌ର ବିଷ ବଳୟରେ ବିଶ୍ୱ: ରାଣୀ ଗୁମ୍ଫାରୁ ଆରମ୍ଭ ହେଲା ସ୍ୱଚ୍ଛ ଭାରତ ଅଭିଯାନ

ଭୁବନେଶ୍ୱର (ପିଏନ୍): ଗାଆଁରୁ ସହର ଯୁଆଡ଼େ ଦେଖିବ କୁଢ କୁଢ ପ୍ଲାଷ୍ଟିକ୍ ଆବର୍ଜନାର ପାହାଡ଼। ପ୍ଲାଷ୍ଟିକ୍‌ର ବ୍ୟବହାର କମାଇବା ପାଇଁ ଏବେ ଦେଶବ୍ୟାପୀ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପରେ ସରକାର ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ପ୍ଲାଷ୍ଟିକ୍‌ର ବ୍ୟବହାର ବହୁ ମାତ୍ରାରେ ବଢିଚାଲିଛି। ଯଦ୍ୱାରା ସ୍ଥଳଭାଗ ହେଉକି ଜଳଭାଗ ହେଉ ସବୁଠି ପ୍ଲାଷ୍ଟିକ୍ ଅଳିଆ। କହିବାକୁ ଗଲେ ପ୍ଲାଷ୍ଟିକର ବିଷବଳୟରେ ସାରା ବିଶ୍ୱ। ଏହାର ଭୟାବହତାକୁ ନେଇ ସାରା ବିଶ୍ୱ ଚିନ୍ତାରେ। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଐତିହ୍ୟ ସଂପନ୍ନ ଖଣ୍ଡଗିରି ପାହାଡ଼ର ରାଣୀଗୁମ୍ଫାରୁ ଏହି ଅଭିଯାନର ଶୁଭ୍ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଅଭିଯାନକୁ ଆନୁଷ୍ଠାନିକ ରୂପେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ନେହେରୁ ଯୁବକେନ୍ଦ୍ରର ଉପ-ନିର୍ଦ୍ଦେଶକ ବିମଳ ପାଟ୍ରିକ୍ ଶାହା, ଯୁବ ଅଧିକାରୀ ବିପିନ୍ କୁମାର, ଜାତୀୟ ଯୁବପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶୀବ ପ୍ରସାଦ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯାନରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ପାହାଡ଼ର ଚତୁଃପାର୍ଶ୍ୱ ଏବଂ ରାସ୍ତା ଉପରେ ପଡ଼ିଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଂଗୃହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରର କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ଅଭିଯାନ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାର ୧୦ଟି ବ୍ଲକରେ ଚାଲୁ ରହିବ ବୋଲି ଜଣାପଡ଼ିଛି।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ମଞ୍ଚସ୍ଥ ନାଟକ 'ସମ୍ପର୍କର ବୋଝ'

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଯାଜପୁର ଟାଉନସ୍ଥିତ ସଂସ୍କୃତି ଭବନ ପରିସରରେ ଏକ କ୍ଷୁଦ୍ର ନାଟକ 'ସମ୍ପର୍କର ବୋଝ' ମଂଚସ୍ଥ ହୋଇଯାଇଛି। ଏହି ନାଟକଟିକୁ ଅନୁଷ୍ଠାନର ନାଟ୍ୟ ନିର୍ଦ୍ଦେଶକ ଅନିଲ କୁମାର ଜେନା ଓ ଏଥିରେ ଅଭିନୟ କରିଛନ୍ତି ବରିଷ୍ଠ ଅଭିନେତା ଉପେନ୍ଦ୍ର ଜେନା, ଅଚ୍ୟୁତ ସ୍ୱାଇଁ, ବିଶ୍ୱଜିତ ମଲ୍ଲିକ, ସବିତା ମିଶ୍ର, ମୋନାଲିସା ଓଝା, ପ୍ରିୟଙ୍କା ସାହୁ, ତପସ୍ୱିନୀ ମଲ୍ଲିକ ପ୍ରମୁଖ ଅଭିନୟ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ଶତପଥି କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଚୋରି ସ୍କ୍ରାପ୍ ଜବତ, ୭ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନାରୁ ହୋଇଥିବା ସ୍କ୍ରାପ୍ ଚୋରି ଘଟଣାରେ ପୁଲିସ୍ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଶ୍ରୀରାମପୁର ଗ୍ରାମର ବିପିନବିହାରୀ ସେଠୀ, ପ୍ରଶାନ୍ତ କୁମାର ସେଠୀ, ଧନେଶ୍ୱର ଦେହୁରୀ, ଭାଗ୍ୟଧର ଦେହୁରୀ, ଜଳଧର ଦେହୁରୀ, ଧନେଶ୍ୱର ମଲିକ ଓ ସ୍କ୍ରାପ୍ କିଣିଥିବା ମୁଣ୍ଡମାଳ ଗ୍ରାମର ଭୀମସେନ ସେଠୀ। ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ରାମକୋ ସିମେଣ୍ଟ କାରଖାନା ପରିସରରୁ ଗତ ୫ ତାରିଖ ରାତିରେ ସ୍କ୍ରାପ୍ ଚୋରି ହୋଇଥିଲା। ଏ ସଂପର୍କରେ ରାମ୍‌କୋ ପକ୍ଷରୁ ଗତ ୬ ତାରିଖରେ ଥାନାରେ ଏତଲା ଦିଆଯାଇଥିଲା। ଅଭିଯୋଗ ପାଇ ପୁଲିସ୍ ୫୪୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ୍ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିବା ବେଳେ ଚୋରି ହୋଇଥିବା ସ୍କ୍ରାପ୍ ଜବତ କରିଥିବା ଜଣାପଡ଼ିଛି ।

## ଡାଲତୋଲା ଗଜଲକ୍ଷ୍ମୀ ମହୋତ୍ସବ ଭାଇଚାରା ସମ୍ପର୍କର ଉଜ୍ଜ୍ୱଳ ଦୃଷ୍ଟାନ୍ତ

ଖୋର୍ଦ୍ଧା (ପିଏନ୍): ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଡାଲତୋଲା ଲକ୍ଷ୍ମୀବଜାରଠାରେ ଗତ ୯ ତାରିଖ କୁମାର ପୂର୍ଣ୍ଣମୀଠାରୁ ପନ୍ଦର ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ମହୋତ୍ସବ ପାଳିତ ହେଉଛି। ଡାଲତୋଲା ବାଣିଜ୍ୟ ବିକାଶ ବଣିକ ସଂଘ ଆହ୍ୱାନକ୍ରମେ ଖୋର୍ଦ୍ଧା ବ୍ଲକ୍‌ର ବଙ୍ଗିଦା, କାଇପଦର ଓ ବେଗୁନିଆ ବ୍ଲକ୍‌ର ଡାଲତୋଲା ଗୋବିନ୍ଦପୁର, କୁଞ୍ଜୁରୀ, ଦେଉଳି, ଦୁର୍ଗାପୁର ପଂଚାୟତର ଜନସାଧାରଣଙ୍କ ସହଯୋଗରେ ଗଜଲକ୍ଷ୍ମୀ ମହୋତ୍ସବ ଆରମ୍ଭ ହୋଇଛି। ଗତ ୯ ତାରିଖ କୁମାର ପୂର୍ଣ୍ଣମୀ ଦିନ କଳସଯାତ୍ରା ଓ ପୂଜାରମ୍ଭ ହୋଇଥଲା। ମହୋତ୍ସବ କମିଟିର ସଭାପତି ରୁସ୍ତମ୍ ଖାଁ, ଶାନ୍ତି କମିଟିର ଅଧ୍ୟକ୍ଷ ପ୍ରମୋଦ କିଶୋର ଛୁଆଳସିଂହ, ଉପଦେଷ୍ଟା ନିରଞ୍ଜନ ସାମନ୍ତସିଂହାର ଓ ସମ୍ପାଦକ ଅଭୟ କୁମାର ସିଂହଙ୍କ ପରିଚାଳନାରେ ପ୍ରତ୍ୟେକ ଦିନ ଭଜନ ସମାରୋହ, କଲିକତା ଡ୍ୟାନ୍ସ ଗ୍ରୁପ, ଲୋଇସିଙ୍ଗାର ସମ୍ବଲପୁରୀ, ପାଇକ ଆଖଡ଼ା, ରାଇରଙ୍ଗପୁର ଆଦିବାସୀ ନୃତ୍ୟ ଆଦି ଅନୁଷ୍ଠିତ ହେଉଛି। ତୃତୀୟ ଦିବସ ସନ୍ଧ୍ୟାରେ ଶିକ୍ଷାବିତ୍ ଅଧ୍ୟକ୍ଷତା କରିଥିବା ବେଳେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ରୂପେ ଯୋଗଦେଇ କଳିଙ୍ଗ ନୌବାଣିଜ୍ୟର ଗୌରବମୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ସେ ଦାବି କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ପ୍ରକାଶ ଚନ୍ଦ୍ର ରଣବିଜୁଳି, କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଯୋଗଦେଇ ଗଜଲକ୍ଷ୍ମୀ ମହୋତ୍ସବ ପାଇଁ ଖୋର୍ଦ୍ଧା ଓ ବେଗୁନିଆ ବ୍ଲକ୍‌ର ସାତଟି ପଂଚାୟତର ସହଯୋଗ ତଥା ଭାଇଚାରା ସମ୍ପର୍କ ପାଇଁ ସାଧୁବାଦ ଜଣାଇଥିଲେ। ପାଇକ ଆଖଡ଼ାକୁ କ୍ରୀଡ଼ାର ମାନ୍ୟତା ଦେବାପାଇଁ ଦାବି କରିଥିଲେ। ସମ୍ମାନିତ ଅତିଥି ଶିଳ୍ପପତି ରମଜାନ୍ ଖାଁ, ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଦେଉଳି ସରପଂଚ ଅକ୍ଷୟ କୁମାର ରାଉତରାୟ, ସମାଜସେବୀ ପ୍ରଭାକର ସାହୁ, ଜାଗେଶ୍ୱର ମାଝୀ, ନଁପୁଟର ସମାଜସେବୀ କୁମ୍ଭପାଣି ପାତ୍ର, ମାନବୀୟ ମୂଲ୍ୟବୋଧ ଓ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଗଣେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ନିରଞ୍ଜନ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ। ସଭା ଶେଷରେ ବଲାଙ୍ଗୀର ଲୋଇସିଙ୍ଗାରୁ ଆସିଥିବା ସମ୍ବଲପୁରୀ ଦୁଲଦୁଲି ଓ ପୁରୀ ଡ୍ୟାନ୍ସ ଗ୍ରୁପ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ପିଂଟୁ ନନ୍ଦଙ୍କ ହାସ୍ୟ ଅଭିନୟ ସମସ୍ତଙ୍କୁ ଛୁଇଁଥିଲା। ବିଭିନ୍ନ ଦିବସରେ ଅବସରପ୍ରାପ୍ତ ମୁଖ୍ୟଯଂତ୍ରୀ ହବିବୁର ରହମାନ୍, ବୋଲଗଡ଼ର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ଦେବରାଜ ପଲାଇ, ଯଦୁପୁର ଦଳବେହେରା ଅବଦୁଲ କଲାମ୍ ଆଜାଦ୍, ଦେଉଳି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ହଟକିଶୋର ସାହୁ, ଯମେଶ୍ୱର ମଙ୍ଗରାଜ, ରତିକାନ୍ତ କହଲସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।




## ବିନିକା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୩୦ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୪ ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି।

## ଫସ୍‌ଫରିକ୍ ଏସିଡ୍ ଉତ୍ପାଦନରେ ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ

ପାରାଦୀପ (ପିଏନ୍)- ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି ।। ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

### ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷ ପରିସରରେ ସଭାପତି କହ୍ନାଇ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପକାନ୍ତ ମଲ୍ଲିକ, ସରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରା, ଜଗନ୍ନାଥ ଧଳ, ବିରଜା ସ୍ୱାଇଁ, ଗଦାଧର ରାଉତରା, ନବକିଶୋର ଦାସ ଉତ୍କଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବିହାରୀ, କରୁଣାକର ନାୟକ, ସୁପ୍ରଭା ନାୟକ, ଅଜୟ କୁମାର ଦାସ, ବୃନ୍ଦାବନ ମିଶ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପାଣ୍ଡବ ଚରଣ ସାହୁ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍‌ଏନ୍‌ସିୟୁରେ ତା୦୮.୦୪.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

## ସୁନାହାର ଫେରାଇଲେ ସ୍ୱେଚ୍ଛାସେବୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତରେ ଚାଲିଥିବା ବାରୁଣୀ ମେଳାରେ ବୁଡ ପକାଇବାକୁ ଆସିଥିବା ଜଣେ ମହିଳାଙ୍କ ହଜିଯାଇଥିବା ସୁନାହାର ଫେରାଇ ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କୁ ପୋଲିସ ପ୍ରଶାସନ ଓ ଜନସାଧାରଣ ବେଶ ପ୍ରସଂଶା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ ଇନ୍ଦୁପୁରକୁ ବାରୁଣୀ ବୁଡ଼ ପକାଇବାକୁ ଭଦ୍ରକ ଧାମନଗରୁ ସନ୍ଧ୍ୟାରାଣୀ ନାୟକ ନାମକ ଜଣେ ମହିଳା ଆସିଥିଲେ। ସନ୍ଧ୍ୟାରାଣୀଙ୍କ ବାପଘର ନିକିରାଇରେ ହୋଇଥିବା ବେଳେ ତାଙ୍କ ଶାଶୁଘର ଭଦ୍ରକରେ। ବାରୁଣୀ ବୁଡ଼ ପାଇଁ ସେ ବାପ ଘରକୁ ଆସିଥିଲେ। ସେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ବେଳେ ତାଙ୍କ ସୁନାହାର କେଉଁଆଡେ ହଜି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ମେଳାରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଏକ ସୁନାହାର ପାଇଥିଲେ। ଏହାକୁ ନେଇ ସେ ସ୍ଥାନୀୟ ପୋଲିସକୁ ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହେରାଙ୍କ ଉପସ୍ଥିତିରେ ସୁନାହାର ହଜିଥିବା ମହିଳା ତାଙ୍କ ସୁନାହାର ଫେରି ପାଇଥିଲେ। ଏ ନେଇ ଏସ୍‌ଡିପିଓ ଗୌତମଙ୍କୁ ବେଶ ପ୍ରସଂଶା କରିଥିଲେ। ଗୌତମଙ୍କ ଏହି କାର୍ଯ୍ୟକୁ ସମାଜିକ ଗଣମାଧ୍ୟମରେ ବେଶ ପ୍ରସଂଶା କରାଯାଇଛି।

### ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ପୂର୍ଣ୍ଣାହୂତି ଓ ପ୍ରବଚନ

ଯାଜପୁର (ପିଏନ୍): ଯାଜପୁରର ରାମବାଗ ଛକସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ଦୀର୍ଘ ୫ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ନାରିକେଳ ଓ ଘୃତ ଯଜ୍ଞକୁଣ୍ଡରେ ପ୍ରଦାନ କରିଥିଲେ। ଆଶ୍ରମର ମଠାଧିଶ ଗୟାବାବା ସମସ୍ତ ଭକ୍ତମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିବା ନିମନ୍ତେ ଯଜ୍ଞକୁଣ୍ଡରେ ସହସ୍ରାଧିକ ଆହୂତ ମନ୍ତ୍ରଉଚ୍ଚାରଣ ପୂର୍ବକ ଦାନ କରିଛନ୍ତି। ଅନନ୍ତ ବାସୁଦେବଙ୍କର ବଡ଼ସିଂହାର ବେଶ ଓ ଘୋଡଣ ଉପଚାର ପୂଜା, ଭଜନ କୀର୍ତ୍ତନ, ଆଳତୀ ସହ ଶହ ଶହ ଭକ୍ତମାନଙ୍କ ଗହଣରେ ଯଜ୍ଞକର୍ମ ଶେଷ କରାଯାଇଛି। ଏହି ଅବସରରେ ପଣ୍ଡିତ ହୃଷୀକେଶ ପତିଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରବଚନରେ ବିଶିଷ୍ଟ ମାଳିକାକାର ଡା. କାହ୍ନୁ ଚରଣ ମିଶ୍ର ଯୋଗଦେଇ ମାଳିକାରେ ବର୍ଣ୍ଣିତ କଳିଯୁଗର ଶେଷ ପ୍ରାନ୍ତରେ ପୃଥିବୀରେ ଯୁଦ୍ଧର ଘନଘଟା, ପରସ୍ପର ମଧ୍ୟରେ ବିଦ୍ୱେଷ, ନାନାଦି ରୋଗରେ ପୃଥିବୀର ସମସ୍ତ ରାଷ୍ଟ୍ରର ଅଧିବାସୀମାନେ ପ୍ରପୀଡ଼ିତ ହେବା ସହ ସତ୍ୟଯୁଗର ଆଗମନରେ ଅନନ୍ତ ବାସୁଦେବଙ୍କର ଶରଣ ନିମନ୍ତେ ପ୍ରାର୍ଥନା କରିବାକୁ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ବିରଜାକ୍ଷେତ୍ରର ମହିମା ଓ ତାତ୍ପର୍ଯ୍ୟ, ସୁଧର୍ମା ସଭା ଓ ମୁନିଋଷିମାନଙ୍କର ଯାଜପୁର କ୍ଷେତ୍ରକୁ ଆଗମନ ତଥା ଜଗନ୍ନାଥ ସଂସ୍କୃତି ସହ ବିରଜାକ୍ଷେତ୍ର ସଂସ୍କୃତିର ସମନ୍ୱୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟ ଠାରୁ ଆଶ୍ରମର ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ୧୦୮ ପୂର୍ଣ୍ଣ କୁମ୍ଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ସମସ୍ତ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସର୍ବଶ୍ରୀ ନିରାକାର ସାହୁ, ମନୀଷା ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଣ୍ଡିତ ଲମ୍ବୋଧର ପାଢ଼ୀ, ମୁଖ୍ୟ ପୁରୋଧା ଭାବେ ଯଜ୍ଞକାର୍ଯ୍ୟ ଓ ପୂର୍ଣ୍ଣାହୂତ ସମାପନ କରିଥିଲେ।

## ପୋଷଣ ଅଭିଯାନ ୨୦୨୪ର ସଚେତନତା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)- ଭାରତ ସରକାର ଆରମ୍ଭ କରିଥିବା ପୋଷଣ ଅଭିଯାନ ୨୦୨୨ର ସଚେତନତା ବାର୍ତ୍ତା ବାଂଟିବା ଏବଂ ନିଶୁଳ୍କ ଆୟୁଷ ସ୍ୱାସ୍ଥ୍ୟ ଶିବିର ଖୋରଧା ବ୍ଲକ୍ କୁରାଢମଲ୍ଲ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ହୋମିଓପ୍ୟାଥି ଏବଂ ଆର୍ଯ୍ୟୁବେଦ ଚିକିତ୍ସା ଅଧିକାରୀ ପୂର୍ବାଚଂଳ ମଣ୍ଡଳ ଭୁବନେଶ୍ୱର ତରଫରୁ ଆୟୋଜିତ ଏବଂ ଜାତୀୟ ଆୟୁଷ ମିଶନ ଭାରତ ସରକାର ଏବଂ ଆୟୁଷ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୁରାଢମଲ୍ଲ ଗ୍ରାମପଂଚାୟତର ସରପଂଚ ଶ୍ରୀରାମ ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାଧିକାରୀଣୀ ଡ଼ାକ୍ତର ବନଶ୍ରୀ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ହେମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ସୁମନା କୁମାରୀ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଆର୍ଯ୍ୟୁବେଦ ଚିକିତ୍ସାଧିକାରୀ ଡ଼ାକ୍ତର ରେଣୁପ୍ରଭା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଗର୍ଭବତୀ ମହିଳା ସ୍ତନ୍ୟପାନ କରାଉଥିବା ମା', କିଶୋରୀ ବାଳିକା ଏବଂ ଶିଶୁ ମାନଙ୍କର ରକ୍ତହୀନତାର ପ୍ରତିରୋଧ ଏବଂ ଚିକିତ୍ସା ନିମନ୍ତେ ଆୟୁଷ ତଥା ହେମିଓପ୍ୟାଥି ଆର୍ଯ୍ୟୁବେଦର ଭୂମିକା ଶିର୍ଷକ ଆଲୋଚନା କରି ରୋଗୀମାନଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଂଟିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରାଜ୍ୟର ସୁନାମ ଧନ୍ୟ ହୋମିଓପ୍ୟାଥି ଡ଼ାକ୍ତର ଆଭାମୟୀ ନାୟକ ଡ଼ାକ୍ତର ଅରୁଣ କୁମାର ମଲ୍ଲିକ, ଡ଼ାକ୍ତର ଚିନ୍ମୟୀ ସାହୁ ଓ ସ୍ଥାନୀୟ କୁରାଢ ମଲ୍ଲର ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ନିବେଦିତା ମିଶ୍ର, ଆର୍ଯ୍ୟୁବେଦର ଡ଼ାକ୍ତର ସୁବ୍ରତ ଛୋଟରାୟ, ଡ଼ାକ୍ତର ସୁଶାନ୍ତ ବିଶୋୟି, ଡ଼ାକ୍ତର ଧନେଶ୍ୱର ସାହୁ ପ୍ରମୁଖଙ୍କ ଦ୍ୱାରା ରୋଗୀମାନଙ୍କୁ ପରୀକ୍ଷା କରାଯାଇ ଆର୍ଯ୍ୟୁବେଦୀ ଓ ହୋମିଓପ୍ୟାଥି ଔଷଧ ମାଗଣାରେ ବଂଟନ କରାଯାଇଥିଲା। ସ୍ଥାନୀୟ ସମାଜ ସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଶ୍ରୀରଂଜନ ମଙ୍ଗରାଜ, ଗଣେଶ୍ୱର ପରିଡ଼ା, କୈଳାସ ଚନ୍ଦ୍ର ସାମନ୍ତରାୟ, ଦୀପକ ବଳିଆରସିଂହଙ୍କ ସଯୋଗ ଏବଂ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଦିନିକିଆ ଶିବିରରେ ହୋମିଓପ୍ୟାଥି ସହକାରୀ ପ୍ରଭଞ୍ଜନୀ ପାତ୍ର, ରଶ୍ମିତା ସ୍ୱାଇଁ କେଳୁଚରଣ ମାପିସ୍ଥ ଏବଂ ଆର୍ଯ୍ୟୁବେଦ ସହକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ହିମାଙ୍ଗୀନି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କୁରାଢମଲ୍ଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇଥିଲେ।

## ଆଇଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟି ପକ୍ଷରୁ ଡାକ୍ତର ଅର୍ଚ୍ଚନାଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତିବାଦ



କଟକ (ପିଏନ୍): କେବଳ ଓଡ଼ିଶାରେ ନୁହେଁ ସର୍ବଭାରତୀୟ ସ୍ତରରେ ଲୋକମାନଙ୍କ ପାଇଁ ଯେତିକ ଡାକ୍ତର ରହିବା କଥା ସେତିକ ସମ୍ଭବ ହୋଇପାରୁନାହିଁ ଏବଂ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବାଧ୍ୟ ହୋଇ ସେମାନେ ଅନ୍ୟତ୍ର ଚାଲିଯାଉଛନ୍ତି। ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିସରରେ ଆଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ମିଳିତ ଆୟୋଜନରେ ସଭାପତି ଡାକ୍ତର ରଜତ ରାୟ, ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ସର୍ବଭାରତୀୟ ସଭାପତି ଡାକ୍ତର ଏନ୍. ରାଜୁ, ସାଧାରଣ ସମ୍ପାଦକ ଡାକ୍ତର ଅରବିନ୍ଦ ବ୍ରହ୍ମା, ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା, ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ, ସାଧାରଣ ସମ୍ପାଦକ ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, କୋଷାଧ୍ୟକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସଭ୍ୟ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଡାକ୍ତର ଜନ୍ମେଜୟ ମହାପାତ୍ର, ଡାକ୍ତର ଦେବ ପ୍ରସାଦ ମହାନ୍ତି ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


### ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ନବନିର୍ବାଚିତ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ପଞ୍ଚାୟତର ଉନ୍ନତି ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ସହ ମିଶି କାମ କରିବି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ବଢି ଚାଲିଛି। ତେଣୁ ଯେଉଁ ପଞ୍ଚାୟତରେ ପାନୀୟ ଜଳର ଅଭାବ ଥିବ ସେହି ପଞ୍ଚାୟତଗୁଡିକରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ପଞ୍ଚାୟତ ଗୁଡିକରେ ଥିବା ରାସ୍ତା ସମସ୍ୟା, ଷ୍ଟ୍ରୀଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ଏଥିସହ ପଞ୍ଚାୟତଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, କୁତରଙ୍ଗ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ, ଜିଲ୍ଲା ଏସ୍‌ସି ସେଲ ସମ୍ପାଦକ ମାନସ ସେଠୀ ଓ ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

### ସାପ କାମୁଡାରେ ବାଳିକାର ମୃତ୍ୟୁ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ସେଠୀର ସାପ କାମୁଡାରେ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜ୍ୟୋତ୍ସ୍ନାରାଣୀ ସେଠୀ(୧୨) ଘର ଅଗଣାରେ ପରିବାରର ୪ଜଣ ସଦସ୍ୟଙ୍କ ସହ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳେ ଏକ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଏକଥା ଜଣାପଡିବା ପରେ ତାଙ୍କୁ ସଂଗେ ସଂଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକା ଶବ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାଳ ମାଳ ଇଟାଭାଟି, ପ୍ରଶାସନର ନିଘା ନାହିଁ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ମାଳ ମାଳ ବେଆଇନ ଇଟାଭାଟି । ପ୍ରଶାସନର ଏଥିପ୍ରତି ନିଘାନାହିଁ । ଯିଏ ଯେଉଁଠି ପାରିଲା ମନଇଛା ଇଟାଭାଟି କରୁଛି । ଅସାଧୁ କର୍ମଚାରୀଙ୍କ ମୁନାଫାଖୋର ମନୋଭାବ ପାଇଁ ଗ୍ରାମାଞ୍ଚଳରେ ଇଟା ବ୍ୟବସାୟ ଏବେ କୁଟୀର ଶିଳ୍ପ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ପ୍ରଶାସନର ଅନୁମତିକ୍ରମେ ଜନବସତି ଠାରୁ ଏକ କିମି ଦୂରରେ ଏବଂ ଶୀତଦିନେ ଇଟାଭାଟି ହେବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସମସ୍ତ ନୀତି ନିୟମକୁ ଦଳିମକଚି ଗାଁ ମଝିରେ କିମ୍ବା ଜନବସତିର ଅତି ନିକଟରେ ଇଟାଭାଟି କରୁଛନ୍ତି । ଏପରିକି କିଛି ବ୍ୟକ୍ତି ନିଜ ଘରବାଡି ନିକଟରେ ଇଟାଭାଟି କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ତାପମାତ୍ରା ୪୦ଡିଗ୍ରି ଛୁଇଁଲାଣି । ଖରା ଗରମ ଅସହ୍ୟ ହେଉଥିବା ବେଳେ ଦିନରାତି ଇଟାଭାଟି ଜଳୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଧିକ କଷ୍ଟଦାୟକ ହୋଇଛି । କେତେକ ପ୍ରଶାସନକୁ ଚକ୍‌ମା ଦେଖାଇ ବିନା ଅନୁମତିରେ ଭାଟି ଲଗାଇଥିବା ବେଳେ ଆଉ କିଛି ବେପାରୀ ନିଜ ଘର ପାଇଁ ଇଟା ତିଆରି କରିବେ ବୋଲି ତହସିଲରୁ ସାମୟିକ ଅନୁମତି ଆଣି ବେଧଡକ ଭାବେ ଇଟା ବେପାର କରୁଛନ୍ତି । ତେବେ ଇଟା ତିଆରି ପାଇଁ ରାଜସ୍ୱ ପୈଠ କରିବା ପରେ ନିୟମାନୁସାରେ ନିଜସ୍ୱ ଜମିରୁ ଚୁକ୍ତି ମୁତାବକ ଆବଶ୍ୟକ ପରିମାଣର ମାଟି ବ୍ୟବହାର କରାଯିବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସର୍ବସାଧାରଣ ବ୍ୟବହାର କରୁଥିବା ସରକାରୀ ଜମିରୁ ମନଇଛା ମାଟି ଖନନ କରି ସମତଳ ଜମିକୁ ପୋଖରୀ, ଗଡିଆ କରି ଦେଉଛନ୍ତି । ସେହିପରି ନିକଟସ୍ଥ ନଦୀନାଳରୁ ବାଲି ଚୋରାରେ ଆଣି ବ୍ୟବହାର କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଇଟା ବେପାରୀ ମାଲାମାଲ୍ ହେଉଛନ୍ତି । ଅନେକ ସମୟରେ ଏସବୁ ସ୍ଥାନରେ ଛୋଟବଡ ଅଘଟଣ ମଧ୍ୟ ଘଟୁଛି । ଗୋରୁଗାଈ ଖାଲରେ ପଡି ମୃତାହତ ହେଉଛନ୍ତି । ଏପରିକି ମାଫିଆମାନେ ଗୋଚର, ଶ୍ମଶାନ ଓ ଦେବୋତର ଜମିକୁ ଜବରଦଖଲ କରି ମାଟି ଉଠାଉଛନ୍ତି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ୮ମାସ ଇଟାଭାଟି କରାଯାଉଛି । ବିଶେଷ କରି ଏହି ବେଆଇନ ବେପାର ସ୍ଥାନୀୟ ଅଭୟପୁର, ମଙ୍ଗରାଜପୁର, ବମ୍ଭୁ, ରତନପୁର, ନୀଳାଦେଇପୁର, ଡେରାବର, ପାଟପୁର, ପଲାର ମୌଜା ସମେତ ବିଭିନ୍ନ ଗାଁ ଗହଳିରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ସଂପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏହି ବେଆଇନ ବେପାରକୁ ରୋକା ଯିବା ସମ୍ଭବ ହେଉନାହିଁ । ନିକଟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ମଙ୍ଗରାଜପୁର ଗ୍ରାମର ଏକ ଇଟା ଭାଟିରେ ଚଢ଼ଉ କରିଥିଲେ ହେଁ, ଏହା ଇଟା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଏଥିପ୍ରତି ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Sunday January 21 ଭୁବନେଶ୍ୱର ରବିବାର, ଜାନୁଆରୀ ୨୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତଦେହ ରଖି ଗ୍ରାମବାସୀଙ୍କ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ୫୯ ଜାତୀୟ ରାଜପଥ ରାସ୍ତା ଅବରୋଧ

ହିଞ୍ଜିଳିକାଟୁ,(ଘନଶ୍ୟାମ ବେହେରା),(ପି.ଏନ): ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତା ଅବରୋଧ ଓ ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଚୈତନପଡା ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଚୈତନପଡା ଗ୍ରାମବାସୀ ମୃତକଙ୍କ ମୃତଦେହ ରଖି ୫୯ ନମ୍ବର ଜାତୀୟ ରାଜପଥ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ଓ ସୂଚନା ଅନୁସାରେ ଗତକାଲି ରାତ୍ରି ପ୍ରାୟ ସାଢେ ୧୦ ଘଣ୍ଟା ସମୟରେ ସଦର ଥାନା କୁକୁଡାଖଣ୍ଡି ନିକଟରେ ଏକ ଯାତ୍ରୀବାହୀ ଅଟୋ ସହିତ କାରର ମୁଆହାଁମୁହିଁ ଧକ୍କା ହୋଇଥିଲା ଓ ଅଟୋରେ ଯାତ୍ରୀ ଭାବରେ ଚୈତନପଡା ଗ୍ରାମର ପବନ ଦାସ ନିଜ



କାମ ସାରି ବ୍ରହ୍ମପୁରରୁ ଫେରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ଓ କିନ୍ତୁ ଦୁର୍ଘଟଣା ଘଟାଇଥିବା କାରଟିକୁ ଅଟକ ରଖିଥିବା ପୋଲିସ ରାତିରେ ଛାଡିଦେଇଥିବା ଅଭିଯୋଗ ନେଇ ରାସ୍ତାରୋକ କରିଥିବା ବେଳେ ତୁରନ୍ତ କ୍ଷତିପୂରଣ ଦାବିକରି ୫୯ ନମ୍ବର ଜାତୀୟରାଜପଥ ଅବରୋଧ କରିଛନ୍ତି ଓ ଘଟଣା ସ୍ଥଳରେ ହିଞ୍ଜିଳି ପୋଲିସ ସହିତ ଆସିକା ଏସ୍‌ଡ଼ିପିଓ ଉମାଶଙ୍କର ସିଂଘ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛନ୍ତି ଓ ସେପଟେ ଘଟଣା ସ୍ଥଳରେ ଏସ୍ପି ଏବଂ ଜିଲ୍ଲାପାଳ ନ ପହଞ୍ଚିବା ପର୍ଯ୍ୟନ୍ତ ରାସ୍ତାରୋକ ହଟିବନି ବୋଲି ମୃତକଙ୍କ ପରିବାର ସହ ଚୈତନ୍ୟପଡା ପ୍ରତିକ୍ରିୟା ରଖିଛନ୍ତି ।

## ନୀଳାଚଳ ସାରସ୍ୱତ ସଂଘ ସମ୍ପର୍କିତ କୋର୍ଟ ନିର୍ଦ୍ଦେଶନାମାକୁ ନେଇ ସାମ୍ବାଦିକ ସମ୍ମିଳନୀ

ଧର୍ମଶାଳା, (ପିଏନ୍): ନୀଳାଚଳ ସାରସ୍ୱତ ସଂଘ ଅଧିନରେ ଜାରକାସ୍ଥିତ ଧର୍ମଶାଳା ଶାଖା ସଂଘ ବିବାଦ ଏବେ ନୂଆ ମୋଡ଼ ନେଇଛି । ଗତବର୍ଷ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ସଭାପତି ଚୈତନ୍ୟ ଚରଣ ଦାସ ଓ ସଂପାଦକ ରଘୁନାଥ ପତିଙ୍କ ଦ୍ୱାରା ପରିଚାଳିତ ସଂଘ ହିଁ ପ୍ରକୃତ ନୀଳାଚଳ ସାରସ୍ୱତ ସଂଘ ବୋଲି ରାୟ ଶୁଣାଇଥିବା ନେଇ ଜାରକା ସ୍ଥିତ ଆଶ୍ରମରେ ଧର୍ମଶାଳା ଶାଖା ସଂଘ ପକ୍ଷରୁ ଗତ କିଛି ମାସ ତଳେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ତେବେ ଶାଖାର ଅନ୍ୟ ଏକ ଗୋଷ୍ଠୀ ଏ ସମ୍ପର୍କିତ ରାଜ୍ୟ ଗୃହ ବିଭାଗ ନିର୍ଦ୍ଦେଶ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରା ରଦ୍ଦ ହୋଇଥିବା ନେଇ ଶୁକ୍ରବାର ଜାରକା ଠାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୁରୀ ଜିଲ୍ଲା ଉପଜିଲାପାଳଙ୍କ ଠାରୁ ନୋଟିସ ପାଇ କେନ୍ଦ୍ର ସେବକ ସଂଘ ସଭାପତି ସୁଧୀର କୁମାର ଲେଙ୍କା ଓଡିଶା ସରକାରଙ୍କୁ ପକ୍ଷ କରି ଓଡିଶା ହାଇକୋର୍ଟରେ ଏକ ଲିଖିତ ଅଭିଯୋଗ କରିବା ପରେ ଏହି ରାୟ ପ୍ରକାଶ ପାଇଛି ।

# ବୀମା କମ୍ପାନୀର ସେବା ପ୍ରଦାନରେ ବିଳମ୍ବ ଗ୍ରାହକ ମଧ୍ୟରେ ତେଜିଲା ଅସନ୍ତୋଷ

ବେଗୁନିଆ,(ପି.ଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଲାପାଟଣା ଗ୍ରାମର ବିରଂଚି ପ୍ରସାଦ ସାହୁଙ୍କ ଓଡ଼ି ୦୨ଏୟୁ୦୬୩୨ ନମ୍ବର ବିଶିଷ୍ଟ ହ୍ୟୁଣ୍ଡାଇ କାରଟି ଗତ ୨୦୨୩ ମସିହା ଏପ୍ରିଲ୍ ମାସ ୨୮ ରିଖ ଅପରାହ୍ନ ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ଦୁର୍ଘଟଣା ଘଟିଥିଲା । ଏଥିରେ ଶ୍ରୀ ସାହୁ ନିୟମାନୁଯାୟୀ ଗାଡ଼ିର ଇନ୍‌ସୁରାନସ ଥିବାରୁ ଦୁର୍ଘଟଣା ଜନିତ କ୍ଷତି ପୂରଣ ପାଇଁ ରିଲାଏନସ ବୀମା କମ୍ପାନିକୁ ଫୋନ ଯୋଗେ ଜଣାଇ ମ୍ୟାନେଜରଙ୍କ ପରାମର୍ଶ କ୍ରମେ କ୍ୟାସଲେସ
ଟ୍ରାଞ୍ଜାକସନ ପାଇଁ କହିଥିଲେ । ପରେ କମ୍ପାନୀର ସଂଯୋଗ ଥିବା ଗ୍ୟାରେଜର ମାର୍ଫତରେ ଗାଡି ମରାମତି ପାଇଁ ପଠାଇ ଥିଲେ ।ଶ୍ରୀ ସାହୁଙ୍କ ଠାରୁ ଆବଶ୍ୟକୀୟ ସମସ୍ତ ଦସ୍ତଖତ ସହ ଆବଶ୍ୟକୀୟ କାଗଜପତ୍ର କ୍ଲେମ୍ ମ୍ୟାନେଜର,ସର୍ଭ ?ୟର ଓ ଗ୍ୟାରେଜ ମାଲିକ ଗ୍ରହଣ କରି ଗାଡିର ଆନୁମାନିକ ମୋଟ ୪ ଲକ୍ଷ ୨୯ ହଜାର ୬୩୬ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଗଲା ।ଯାହାକି କମ୍ପାନୀ ଦ୍ୱାରା ଗାଡିର ନିର୍ଦ୍ଧାରିତ ମୂଲ୍ୟ ୩ ଲକ୍ଷ ୬୮ ହଜାର ୧୮୨ ଟଙ୍କା ଠାରୁ ଅଧିକ ।ସେଥିପାଇଁ ନିୟମାନୁଯାୟୀ କମ୍ପାନୀ ଠାରୁ ଶ୍ରୀ ସାହୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଦର୍ଶାଇ ୩ ଲକ୍ଷ ୬୮ ହଜାର ୧୮୨ ଟଙ୍କା ଦାବି କରନ୍ତେ କ୍ଲେମ୍ ମ୍ୟାନେଜର ୧ ଲକ୍ଷ ୨୦ ହଜାର ଟଙ୍କା ଗ୍ରହଣ କରି ଏକ ସତ୍ୟ ପାଠ ଜନିତ ଚିଠି ପଠାଇ ଆବଶ୍ୟକୀୟ କାଗଜପତ୍ର ପୈଠ ନ କରି କ୍ଲେମ କେଶ ବନ୍ଦ କରିଦେଇଛନ୍ତି । ଏହା ମଧ୍ୟରେ ଗ୍ୟାରେଜ ମାଲିକ ଗାଡିଟିକୁ ଖୋଲାଖୋଲି କରିଦେଇ ୫୦ ହଜାର ଟଙ୍କା ଅଗ୍ରୀମ ସହ କିସ୍ତି କରି ଟଙ୍କା ପୈଠ କଲେ ଗାଡିର ମରାମତି କରାଯିବ ବୋଲି କହିଥିଲେ । ଏଥିରେ ଉପାୟ ଶୂନ୍ୟ ହୋଇ ଶ୍ରୀ ସାହୁ ମାନ୍ୟବର ବୀମାଲୋକପାଳଙ୍କୁ ଅଭିଯୋଗ କରିବାରୁ ମାନ୍ୟବର ଲୋକପାଳ ତା୧୩-୧୦-୨୩ରେ ଶୁଣାଣି କରି ଶ୍ରୀ ସାହୁଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏକ ମାସ ମଧ୍ୟରେ ୩ ଲକ୍ଷ ୬୭ହଜାର୧୮୨ ଟଙ୍କା ପୈଠ କରିବାକୁ କମ୍ପାନୀକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଟଙ୍କା ପୈଠ କରିବା ବଦଳରେ ବିଭିନ୍ନ ସମୟରେ ଭ୍ରମାତ୍ମକ କାଗଜପତ୍ର ଦାଖଲ କରିବାକୁ ଲେଖି କାଳକ୍ଷେପଣ ନୀତି ଆପଣେଇ ନେଇଛି ।ପ୍ରକାଶ ଥାଉକି ଗ୍ୟାରେଜ ମାଲିକ ୫୬ ହଜାର ୬୦୦ ଟଙ୍କାର ପାର୍କିଂ ଚାର୍ଜ ପୈଠ କରିବା ପାଇଁ ଶ୍ରୀ ସାହୁଙ୍କୁ ଚିଠି କରିଥିବା ବେଳେ କମ୍ପାନୀର ଉପରସ୍ତରୀୟ ଅଫିସରଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳି ପାରି ନାହିଁ ।ଶେଷରେ ଶ୍ରୀ ସାହୁ କମ୍ପାନୀର ବିପକ୍ଷରେ ଗ୍ରାହକ ମାରଣ ନୀତି ପାଇଁ ଇନସୁରାନସ ବିରୁଦ୍ଧରେ ଖାଉଟି ସୁରକ୍ଷା ଅଦାଲତ ଓ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ପାଇଁ ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

# ଗୋପାଳଜୀୟୁ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଥାନୁଆଳ ପଂଚାୟତ ମୁରାରୀପୁରସ୍ଥିତ ଗୋପାଳଜୀୟୁ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଅପରାହ୍ନରେ ଉଦଘାଟିତ ହୋଇଥିବା ବେଳେ ଆଜି ଏହା ଦ୍ୱିତୀୟ ଦିନରେ ପହଁଚିଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସମ୍ପତି , ସେମାନଙ୍କ ସହଯୋଗରେ ବିଦ୍ୟାଳୟର ଉନ୍ନତି ହୋଇଥାଏ ବୋଲି କହିଥିଲେ । ପୁରାତନ ଛାତ୍ର ସଂସଦ ର ସଭାପତି ପ୍ରାଧ୍ୟାପକ ପ୍ରମୋଦ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପୁର୍ବତନ ସାଂସଦ ଡ. ପ୍ରଶନ୍ନ କୁମାର ପାଟସାଣୀ ଯୋଗଦେଇ ଶିକ୍ଷାନୁଷ୍ଠାନ ଜଣେ ଆଦର୍ଶ ନାଗରିକ ଗଢି ତୋଳେ ଓ ପୁରାତନ ଛାତ୍ର ସଂସଦ ଭାଇଚାରାକୁ ମଜବୁତ କରେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଫକିରମୋହନ ବିଶ୍ୱ ବିଦ୍ୟାଳୟର ପୁର୍ବତନ କୁଳପତି ପ୍ରଫେସର କୁମରବର ଦାଶ,ପୁର୍ବତନ ସୂଚନ କମିଶନର ଶ୍ରୀ ଜଗଦାନନ୍ଦ, ବୈଜ୍ଞାନିକ ଡ. ଶିଶିର ମନ୍ତ୍ରୀ,ଶୁଲେଖିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ହରିଦାସପୁରସ୍ଥିତ ରାମକୋ ସିମେଂଟ କାରଖାନା ଉପାଧ୍ୟକ୍ଷ ଅଜିତ କୁମାର ପାଳ, କାରଖାନାର ଲୋକସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସିଂ,କାରଖାନର ଏଜିଏମ ସର୍ବେଶ୍ୱର ମହାପାତ୍ର, ଅସିଷ୍ଟାଂଟ ପୁଲିସ କମିଶନର ଅମିତାଭ ମହାପାତ୍ର, ରାଜ୍ୟ ମାଧ୍ୟମିକ ଶିକ୍ଷକ ସଂଘର ନେତା ଦୈତାରୀ ମଲିକ, ସୁବର୍ଣ୍ଣ ଜୟନ୍ତୀ କମଟିର ଉପଦେଷ୍ଟା ଶରତଚନ୍ଦ୍ର କର , ଅବସରପ୍ରାପ୍ତ ଶିକ୍ଷକ ବିଜୟ ଦାଶ ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ପଂଚାନନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାର ସମ୍ପାଦକ ଡ. ଦୀଲିପ କୁମାର ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ସୂଚନା ପ୍ରଦାନ କରିଥିବା ବେଳେ ପୁରୁଷୋତମ ଜେନା ଓ ପ୍ରଶନ୍ନ ରାଉତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସିବ କୁମାର ମଲିକ ବେଦପାଠ କରିଥିଲେ । ଏହି ଅବସରରେ ପୁରାତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣକର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନାକପୋଲ ବଜାରରେ ୫ ଦୋକାନରୁ ଚୋରି

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଗଙ୍ଗାଧରପୁର ପଂଚାୟତ ନାକପୋଲ ବଜାରରୁ ଗୋଟିଏ ରାତିରେ ୫ଟି ଭିନ୍ନ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୁଲିସ୍ ଘଟଣାସ୍ଥଳରେ ପହଁଚି ତଦନ୍ତ ଚଳାଇଥିଲେ ମଧ୍ୟ ଚୋରଙ୍କ ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, ନାକପୋଲ ବଜାରରେ ଥିବା ନିତ୍ୟାନନ୍ଦ ଦାସଙ୍କ ଭେରାଇଟି ଷ୍ଟୋର୍ ତାଲା ଭାଙ୍ଗି ଚୋରମାନେ ୧୫ହଜାର ଟଙ୍କା ଓ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି । ସେହିପରି ଶ୍ରୀକାନ୍ତ ଦାସଙ୍କ ପରିବା ଦୋକାନ, ଯଦୁମଣି ସାହୁଙ୍କ ଫଳ ଦୋକାନ, ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପାନ ଦୋକାନ ଓ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଭେରାଇଟି ଷ୍ଟୋର୍‌ରୁ ବିଭିନ୍ନ ସାମଗ୍ରୀ ଏବଂ ଟଙ୍କା ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି । ଉଲ୍ଲେଖ ଯୋଗ୍ୟ, ଦନ୍ତାହାତୀ ଭୟରେ କିଛିଦିନ ହେଲା ଦୋକାନୀମାନେ ରାତିରେ ଦୋକାନରେ ଶୋଉନାହାଁନ୍ତି । ଏହାର ସୁଯୋଗ ନେଇ ଚୋରମାନେ ଦୋକାନରେ କଳାକନା ବୁଲାଇ ଦେଇଥିବା କୁହାଯାଇଛି ।

## ବି.ଏମ.ଡ଼ି(ହାଡ଼ର ସାନ୍ଦ୍ରତା) ଟେଷ୍ଟ ବିନାମୂଲ୍ୟରେ

ଭୁବନେଶ୍ୱର,(ପି.ଏନ): ଆସନ୍ତା ତା ୨୩.୦୧.୨୦୨୪ରିଖ ମଙ୍ଗଳବାର ଦିନ ସକାଳ ୯ ଘଟିକା ଠାରୁ ୧୨ ଘଟିକା ପର୍ଯ୍ୟନ୍ତ ଡା. ସାରସ୍ୱତ ମିଶ୍ରଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ତ୍ରିମୂର୍ତ୍ତି ପଲ୍ଲି କ୍ଲିନିକ, ୧୨,ଜନପଥ, ସତ୍ୟନଗର, ଭୁବନେଶ୍ୱର ଠାରେ ବି.ଏମ୍.ଡି(ହାଡ଼ର ସାନ୍ଦ୍ରତା) ଟେଷ୍ଟ ବିନାମୂଲ୍ୟରେ କରାଯାଉଅଛି । ଏଣୁ ଜନସାଧାରଣ ଏହାର ଲାଭ ଉଠାଇବାକୁ ଅନୁରୋଧ କରାଯାଇଛି ।

## ବିଧାୟକ ଏକାଦଶ ଓ ସିନେତାରକା ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ୍

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଆଜି ବିଧାୟକ ଏକାଦଶ ଓ ସିନେ ତାରକା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୩୮ ରନ କରିଥିଲେ । ଦଳ ପକ୍ଷରୁ ପାଟଣା ବିଧାୟକ ଜଗନ୍ନାଥ ନାୟକ୪୨ରନ, ଦେବୀ ରନ ତ୍ରିପାଠୀ ୩୭ରନ ଓ ରୁଦ୍ର ମହାରଥୀ ୨୫ରନ କରିଥିଲେ । ବିପକ୍ଷ ସିନେତାରକା ଏକାଦଶ ପକ୍ଷରୁ ଦୀପକ ବାରିକ ଓ ସମ୍ବିତ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ ସିନେତାରକା ବ୍ୟାଟିଂ ୧୦.୨ ଓଭରେ ୪ ଉଇକେଟ ହରାଇ ୧୪୧ରନ କରି ବିଜୟୀ ହୋଇଥିଲେ । ଦଳ ପକ୍ଷରୁ ଚିକୁ ସାମଲ ୭୯ ଓ ସମ୍ବିତ ୨୦ ରନ କରିଥିଲେ । ବିଧାୟକ ଏକାଦଶ ପକ୍ଷରୁ ଦିବ୍ୟଶଙ୍କର ମିଶ୍ର ୨ଟି ଓ ବିଷ୍ଣୁତଦ ରାଉତରାୟ ଗୋଟିଏ ଉଇକେଟ ନେଇଥିଲେ । ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଅମର ପ୍ରସାଦ ଶତପଥୀ,ପ୍ରଣବ ପ୍ରକାଶ ଦାସ, ପ୍ରଣବ କୁମାର ବଳବନ୍ତରାୟ,ସମ୍ବିତ ରାଉତରାୟ, ଅରୁଣ ସାହୁ, ଜଗନ୍ନାଥ ସାହୁ ବ୍ୟୋମକେଶ ରାୟ, ସୌଭିକ ବିଶ୍ୱାଳ,ପ୍ରଶାନ୍ତ ବେହେରା, ଅଶୋକ ବଳ,ସୁନନ୍ଦା ଦାସ, ଆକାଶ ଦାସନାୟକ,ପ୍ରମୁଖପେଯାଗଦେଇଥିବା ବେଳେ ସିନେତାରକା ପକ୍ଷରୁ ଅରିନ୍ଦମ, ବବି ମିଶ୍ର, ସମ୍ବିତ ଆଚାର୍ଯ୍ୟ, ସ୍ୱରାଜ ବାରିକ, ଭୁପିନ୍ଦର ସିଂ, ସମ୍ଭବ, ସୋମେଶ, ଜାପାନୀ, ଦିବ୍ୟା ମହାନ୍ତି ଓ ପ୍ରେରଣା ପ୍ରମୁଖ ଯୋଗଦେଇଥିଲେ । ଏଚ୍ଛି ଖେଳକୁ ଶୁଶିଲ ମହାନ୍ତି ଓ ଅସିତ ଜେନା ପରିଚାଳନା କରିଥିଲେ । ସିନେତାରକା ଦଳର ସର୍ବାଧିକ ରନ କରିଥିବା ଚିକୁ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା ।

# ୨୩ ଜଣ ଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ଜେଏସଡବ୍ଲୁ ଗେଟ ଆଗରେ ୨୪ ରେ ଧର୍ମଘଟ ଡାକରା

ଭୁବନେଶ୍ୱର,(ପି.ଏନ):ଜେଏସଡବ୍ଲୁ ର ଜେଟି କାର୍ଯ୍ୟ ଆରମ୍ଭ ହେବା ଦିନରୁ ହାଉସକିପିଙ୍ଗ ରେ ଶ୍ରମିକ ଭାବେ ୧୦୦ ରୁ ଉର୍ଦ୍ଧ ଶ୍ରମିକ ଦୀର୍ଘ ୪ ବର୍ଷ ହେବ ଜେଏସଡବ୍ଲୁ ଦ୍ୱାରା ନିୟୋଜିତ ଠିକାଦାର ଚେନାଇରାଧା ଅଧୀନରେ କାମ କରି ଆସୁଥିଲେ କ୍ଷ ବନ୍ଦରର ନିର୍ଦ୍ଦେଶ କ୍ରମେ ସମସ୍ତ ଶ୍ରମିକ ଚେନାଇରାଧାର ବସ ଯୋଗେ ବନ୍ଦର ନିଷିଦ୍ଧାଞ୍ଚଳ କୁ କାର୍ଯ୍ୟ କରିବାକୁ ଯାଇଥାନ୍ତି କ୍ଷ କିନ୍ତୁ ଅଚାନକ ଗତ ଡିସେମ୍ବର ମାସ ୨୦ ତାରିଖରେ ହଠାତ କମ୍ପାନୀ ବସ ସେବା ବନ୍ଦ କରିଦେଲା । ଯାହାଫଳରେ କି ତା ପରଦିନ ଅର୍ଥାତ ୨୧ ତାରିଖରେ ସମସ୍ତ ଶ୍ରମିକ ବାଧ୍ୟହୋଇ ନିଜ ମଟରସାଇକେଲ ଓ ସାଇକେଲ ଯୋଗେ କାର୍ଯ୍ୟ କରିବାକୁ ବନ୍ଦର ନିଷିଦ୍ଧାଞ୍ଚଳ ଭିତରକୁ ଗଲେ । କିନ୍ତୁ ନିଷିଦ୍ଧାଞ୍ଚଳ ଭିତରକୁ ସାଇକେଲ ଓ ମଟରସାଇକେଲ ଯୋଗେ ଭିତରକୁ ଗଲେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥାଏ କ୍ଷ ଯାହାକି ପୂର୍ବରୁ ଦୁର୍ଘଟଣା ଜନିତ ମୃତ୍ୟୁ ବହୁତ ଘଟିଲା ବୋଲି କମ୍ପାନୀ ଶ୍ରମିକ ମାନଙ୍କୁ ବସ ଯୋଗେ କାର୍ଯ୍ୟ ସ୍ଥଳକୁ ନେଉଥିଲା କ୍ଷ ତେବେ ଶାନ୍ତିଶୃଙ୍ଖଳା ସହ କାର୍ଯ୍ୟ ଚାଲିଥିବା ବେଳେ ହଠାତ କିଛି କାରଣ ନଥାଇ କମ୍ପାନୀ ଅନ୍ୟାୟ ଭାବେ ଗତ ଡିସେମ୍ବର ୨୧ ତାରିଖରେ ୨୩ ଜଣ ଶ୍ରମିକ ଙ୍କ ଗେଟ ପାସ ବନ୍ଦ କରି ଚାକିରିରୁ ବିଦା କରିଦେଲା କ୍ଷ ଠିକ ସମାନ ଢଙ୍ଗରେ ପ୍ରାୟ ବର୍ଷ ? ତଳେ ୨୦ ଜଣ ଶ୍ରମିକଙ୍କୁ ବିଦା କରି ସେହି ସ୍ଥାନରେ ବହିରାଗତ ଶ୍ରମିକ ନେତା ଓ ଚେନାଇରାଧା କମ୍ପାନୀର ଜଣେ ଅସାଧୁ ଅଧିକାରୀ ସେହି ସ୍ଥାନରେ ଜଣଙ୍କ ପିଛା ଲକ୍ଷାଧିକ ଟଙ୍କା ନେଇ ୨୦ ଜଣ ନୂଆ ଲୋକଙ୍କୁ ନିଯୁକ୍ତି ଦେଇଥିଲେ କ୍ଷ ଯାହା ଜଣାଯାଏ ଚେନାଇରାଧା କମ୍ପାନୀରେ ଆଗରୁ ଏପରି ହଉନଥିଲା କ୍ଷ ଶୃଙ୍ଖଳାର ସହିତ କାର୍ଯ୍ୟ କରି କମ୍ପାନୀ ବେଶ ସୁନାମ ଅର୍ଜନ କରିବା ଦ୍ୱାରା କମ୍ପାନୀ ପାରାଦୀପ ପୋର୍ଟ ର ବିଶ୍ୱାସଭାଜନ ହୋଇପାରିଥିଲା । ଯେଉଁଥିପାଇଁ କି ବନ୍ଦରର ପ୍ରାୟ ଅଧିକ କାର୍ଯ୍ୟ ଚେନାଇରାଧା କମ୍ପାନୀ କୁ ଯାଇଥିଲା । କିନ୍ତୁ ଏବେ କମ୍ପାନୀ ର ଜଣେ ଅସାଧୁ ଅଧିକାରୀ ଏବଂ ପାରାଦ୍ୱୀପର ଏକ ଅସାଧୁ ସିଣ୍ଡିକେଟ ମିଳିତ ଭାବେ ଶ୍ରମିକ ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇ ନିଯୁକ୍ତି ଦେଇ ପାରାଦୀପ ଭଳି ଶାନ୍ତ ଶିଳ୍ପାଞ୍ଚଳରେ ଅଶାନ୍ତି ର ବାତାବରଣ ସୃଷ୍ଟି କରିବା ଦ୍ୱାରା ଚେନାଇରାଧା କମ୍ପାନୀ ପ୍ରତି ଲୋକଙ୍କର ବିଶ୍ୱାସ ତୁଟିବା ସହିତ ଆଗାମୀ ଦିନରେ କମ୍ପାନୀ ବିରୁଦ୍ଧରେ ପ୍ରତିବାଦ ଓ ଆନ୍ଦୋଳନର ଦାନା ବାନ୍ଧୁଛି କ୍ଷ ତେବେ ଅନ୍ୟାୟ ଭାବେ ବହିସ୍କୃତ ହୋଇଥିବା ୨୩ ଜଣ ଶ୍ରମିକଙ୍କ ପୁନଃ ନିଯୁକ୍ତି ପାଇଁ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ଗତ ଡିସେମ୍ବର ୨୮ ତାରିଖରେ ଚିଠି ମାଧ୍ୟମରେ ସମସ୍ତ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପୁଣି ଗତ ଜାନୁଆରୀ ୧୦ ତାରିଖରେ ୟୁନିୟନ ପକ୍ଷରୁ ଆଉ ଏକ ଚିଠି ଜେଏସଡବ୍ଲୁ କମ୍ପାନୀ ଏବଂ ସମସ୍ତ ପ୍ରଶାସନ ଅଧିକାରୀ ଙ୍କୁ ଦିଆଯାଇଥିଲା । ୟୁନିୟନ ର ମୁଖ୍ୟ ଉପଦେଷ୍ଟା ତଥା ବିଜେପି ନେତା ସମ୍ପଦ ସ୍ୱାଇଁ, ଶ୍ରମିକ ନେତା ତଥା ପାରାଦୀପ ପୋର୍ଟ ମଜଦୁର ସଂଘର ସଭାପତି ପ୍ରକାଶ ତ୍ରିପାଠୀ,କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା,ଉପସଭାପତି ସୁବ୍ରତ ପ୍ରଧାନ, ସମ୍ପାଦକ ସର୍ବ ?ଶ୍ୱର ବଳିୟାରସିଂହ ପ୍ରମୁଖ ଏବାବଦରେ କିଛି ପ୍ରଶାସନ ଅଧିକାରୀ ମାନଙ୍କୁ ଭେଟି ଆଲୋଚନା ମଧ୍ୟ କରିଥିଲେ ଯେ ଆସନ୍ତା ୨୪ ତାରିଖ ପୂର୍ବରୁ ଯଦି ଆଲୋଚନା କରାଯାଇ ୨୩ ଜଣ ଶ୍ରମିକଙ୍କୁ ନିଯୁକ୍ତି ନଦିଆଯାଏ, ତେବେ ୨୪ ତାରିଖ ଦିନ ଜେଏସଡବ୍ଲୁ କମ୍ପାନୀ ଫାଟକ ସମ୍ମୁଖରେ ଧର୍ମଘଟ କରାଯିବ । ଏପର୍ଯ୍ୟନ୍ତ ପ୍ରଶାସନ ର ଅଧିକାରୀ ମାନେ କମ୍ପାନୀ କୁ ଡାକି ଆଲୋଚନା କରିନଥିବାରୁ ୟୁନିୟନ ପକ୍ଷରୁ ଜାନୁଆରୀ ୨୪ ତାରିଖ ଦିନ ଧର୍ମଘଟ ହେବ ବୋଲି ୟୁନିୟନ କାର୍ଯ୍ୟାଳୟ ରେ ଆଜି ଶନିବାର ଦିନ ଆହୁତ ଏକ ସାମ୍ବାଦିକ ସମ୍ମିଳନୀ ରେ ୟୁନିୟନ ପକ୍ଷରୁ ଘୋଷଣା କରାଯାଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray